Bhubaneswar- 17 June 2026
ଭୁବନେଶ୍ୱର- ୧୭ ଜୁନ୍ ୨୦୨୬
Vol- 1 Issue - 51
ଭାଗ- ୧ ସଂଖ୍ୟା- ୫୧
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ୍ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

## ଅର୍ଥନୀତିର ମହାମଞ୍ଚ ଜି-୭ ଶିଖର ସମ୍ମିଳନୀ ଆରମ୍ଭ



- ଫ୍ରାନ୍ସରେ ଏକାଠି ହେଲେ ବିଶ୍ୱନେତା
- ମୋଦି-ଟ୍ରମ୍ପଙ୍କ ମଧ୍ୟରେ ହେଲା ଭେଟଘାଟ
- ଦୀର୍ଘ ୧୬ ମାସ ପରେ ପରେ ସାକ୍ଷାତ

**ନୂଆଦିଲ୍ଲୀ:** ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ତଥା ବିକଶିତ ଅର୍ଥନୀତିର ମହାମଞ୍ଚ ଜି-୭ ଶିଖର ସମ୍ମିଳନୀ-୨୦୨୬ ଫ୍ରାନ୍ସର ଏଭିଆନ-ଲେସ-ବାନ୍ସ ସହରରେ ଆଜିଠାରୁ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷର ସମ୍ମିଳନୀ ଏକ ଅତ୍ୟନ୍ତ ଜଟିଳ ଏବଂ ସମ୍ବେଦନଶୀଳ ଭୂ-ରାଜନୈତିକ ସ୍ଥିତି ମଧ୍ୟରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀ ଅବସରରେ ଆଜି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଦୀର୍ଘ ୧୬ ମାସ ପରେ ସାକ୍ଷାତ ହୋଇଛି। ଉଭୟ ନେତା ହାତ ମିଳାଇ ପରସ୍ପରକୁ ସ୍ୱାଗତ କରିଛନ୍ତି। ସମ୍ମିଳନୀର ଗ୍ରୁପ୍ ଫଟୋରେ ପ୍ରଧାନମନ୍ତ୍ରୀ ମୋଦୀ, ରାଷ୍ଟ୍ରପତି ଟ୍ରମ୍ପ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏକାଠି ଆଗ ଧାଡ଼ିରେ ଠିଆ ହୋଇଥିବା ଦେଖିବାକୁ ମିଳିଛି । ଏହି ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ହେବାକୁ ଥିବା ଦ୍ୱିପାକ୍ଷିକ ବୈଠକରେ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ଏବଂ ଶୁଳ୍କ ହ୍ରାସ ଉପରେ ଫୋକସ୍ ରହିଛି। ଆମେରିକାର 'ଆମେରିକା ପ୍ରଥମ' ନୀତି ଏବଂ ଭାରତର ଆର୍ଥିକ ସ୍ୱାର୍ଥକୁ ସନ୍ତୁଳିତ କରି ଏକ ନୂତନ ବାଣିଜ୍ୟିକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ, ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ସୁରକ୍ଷାକୁ ନେଇ ଭାରତ ନିଜର ଚିନ୍ତା ପ୍ରକଟ କରିଛି, ଯାହା ଉପରେ ଆମେରିକା ସହ ମିଳିତ ରଣନୀତି ପ୍ରସ୍ତୁତ କରାଯିବ। ଏହି ତିନି ଦିନିଆ ସମ୍ମିଳନୀରେ ବିଶ୍ୱ ଅର୍ଥନୀତିର ସ୍ଥିରତା ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି। କରୋନା ମହାମାରୀ ପରବର୍ତ୍ତୀ ସ୍ଥିତି ଏବଂ ଚାଲିଥିବା ବିଭିନ୍ନ ଅନ୍ତର୍ଜାତୀୟ ବିବାଦ ଯୋଗୁଁ ବିଶ୍ୱ ବାଣିଜ୍ୟରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ନେତାମାନେ ବାଣିଜ୍ୟିକ ସମ୍ପର୍କର ପୁନଃ ସମୀକ୍ଷା କରୁଛନ୍ତି। ସେହିପରି ଦୀର୍ଘ ଦିନ ଧରି ଚାଲିଥିବା ରୁଷ-ୟୁକ୍ରେନ ସଂଘର୍ଷର ସମାଧାନ ପାଇଁ କେତେକ ନିର୍ଣ୍ଣାୟକ ଘୋଷଣା ଏହି ମଞ୍ଚରୁ ହେବ ବୋଲି ଆଶା କରାଯାଉଛି। ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ମାନବିକ ସହାୟତା ଯୋଗାଇଦେବା ଏବଂ ରୁଷର ସ୍ୟାଡୋ ଫ୍ଲିଟ୍ (ତେଲ ପରିବହନ କରୁଥିବା ବେଆଇନ ଜାହାଜ) ଉପରେ କଟକଣା ଲଗାଇବାକୁ କାନାଡା ଏବଂ ଅନ୍ୟ ସଦସ୍ୟ ଦେଶଗୁଡ଼ିକ ପ୍ରସ୍ତାବ ଦେଇଛନ୍ତି। ଭାରତ ଜି-୭ର ସ୍ଥାୟୀ ସଦସ୍ୟ ନଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମିଳନୀକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଭାରତକୁ ବିକଶିତ ଏବଂ ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ ଏକ ସେତୁ ବା ମାଧ୍ୟମ ଭାବେ ଉପସ୍ଥାପନ କରିଛନ୍ତି। ସେ 'ଗ୍ଲୋବାଲ ସାଉଥ୍' ର ସମସ୍ୟା ଓ ଅଧିକାରକୁ ବିଶ୍ୱ ଦରବାରରେ ଜୋରଦାର ଭାବେ ଉଠାଇଛନ୍ତି।

## ଓଡ଼ିଶା ଆସିବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

### ସୁରକ୍ଷା, ପ୍ରସ୍ତୁତିର ଉଚ୍ଚସ୍ତରୀୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ସଫଳ ୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ଓଡ଼ିଶା ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ହାଇପ୍ରୋଫାଇଲ୍ ଗସ୍ତକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ , ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ବ୍ଲୁ-ପ୍ରିଣ୍ଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ବିଶେଷ କରି ମେଗା ସାଧାରଣ ସଭା ଏବଂ ଭିଭିଆଇପି ମାନଙ୍କ ଗମନାଗମନ ସମୟରେ ଯେପରି କୌଣସି ତ୍ରୁଟି ନରହେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ଅନୁଯାୟୀ, ଆସନ୍ତା ଜୁନ୍ ୧୯ ତାରିଖରେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗସ୍ତରେ ନିଜ ଜିଲ୍ଲା ମୟୂରଭଞ୍ଜରେ ପହଞ୍ଚିବେ। ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଭାବପୂର୍ଣ୍ଣ ଦିଗ ହେଉଛି ଆସନ୍ତା ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଶୁଭ ଜନ୍ମଦିନ। ନିଜ ଜନ୍ମଦିନ ଅବସରରେ ମାନ୍ୟବର ରାଷ୍ଟ୍ରପତି ନିଜ ଜନ୍ମଭୂମି ଏବଂ ପ୍ରଥମ କର୍ମଭୂମି ରାଇରଙ୍ଗପୁରରେ ଉପସ୍ଥିତ ରହିବେ, ଯାହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଜନ୍ମମାଟିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି। ଏହି କ୍ରମରେ ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚି ରାଷ୍ଟ୍ରପତିଙ୍କ ସହ ଏହି ଐତିହାସିକ ରାଜ୍ୟ ସ୍ତରୀୟ ମେଗା ଉତ୍ସବରେ ସାମିଲ ହେବେ। ଓଡ଼ିଶା ମାଟିରେ ଦୁଇ ଶୀର୍ଷ ନେତା ଏକାଠି ମଞ୍ଚ ଆଲୋକିତ କରିବା ସହ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକରେ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟବାସୀଙ୍କ ପାଇଁ ସବୁଠାରୁ ବଡ଼ ଖୁସିର ଖବର ହେଉଛି, ଏହି ଗସ୍ତ କେବଳ ଏକ ଉତ୍ସବରେ ସୀମିତ ନରହି ଓଡ଼ିଶାର ପ୍ରଗତି ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

### ରଜରେ ଖେଳ ଆୟୋଜନକୁ ନେଇ ଗୋଷ୍ଠୀ ବିବାଦ

## ଷ୍ଟିଲ ସିଟିରେ ଯୁବକଙ୍କୁ ଗଳାକାଟି ହତ୍ୟା

### ତୋଫାନକୁ ଚାରିପଟରୁ ଘେରି କରିଥିଲେ ଆକ୍ରମଣ



**ରାଉରକେଲା:** ରଜରେ ଖେଳ ଆୟୋଜନକୁ ନେଇ ଗୋଷ୍ଠୀ ବିବାଦକୁ କେନ୍ଦ୍ର କରି ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ପଡ଼ିଆ ନିକଟରେ ଯୁବକଙ୍କୁ ବିଭତ୍ସ ହତ୍ୟା କରାଯାଇଛି। ହତ୍ୟାର କାରଣ ନିଶା ସେବନକୁ ବିରୋଧ କରିବା ବୋଲି ଜଣାପଡ଼ିଛି। ମୃତକ ହେଲେ ଗୋଲଘର ରାମେଶ୍ୱରପାଲି ବସ୍ତିର ତୋଫାନ ବିଦ୍ଧାଣୀ(୨୯)। ସେ ରାଉରକେଲା ମହାନଗର ନିଗମ(ଆରଏମ୍‌ସି)ରେ ହେଲ୍‌ପର ଭାବେ କାମ କରୁଥିବା ସୂଚନା ମିଳିଛି। ପୁଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ଆରଜିଏଚ୍‌କୁ ପଠାଇଥିବାବେଳେ ସଂଘର୍ଷରେ ଗୁରୁତର ହୋଇଥିବା ଶୁଭେନ୍ଦୁ ସେଠୀଙ୍କୁ ଆଇଜିଏଚ୍‌କୁ ସ୍ଥାନାନ୍ତର କରିଛି। ସୂଚନାଯୋଗ୍ୟ, ଗତ ଜୁନ୍ ୧୪ ପହିଲି ରଜ ଦିନ ଗୋଲଘର କମ୍ୟୁନିଟି ସେଣ୍ଟର ଖେଳ ପଡ଼ିଆରେ ଖେଳକୁ ନେଇ ରାମେଶ୍ୱରପାଲି ଓ ନାରାୟଣପାଲି ବସ୍ତିର ଯୁବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଏହା ତୀବ୍ର ରୂପ ନେବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଏହି ଉତ୍ତେଜନା ପରେ ତୋଫାନ ଭୟଭୀତ ହୋଇ ଜୁନ ୧୫ରେ ଘରୁ ବାହାରି ନଥିଲେ। ଆଜି (ଜୁନ୍ ୧୬) ପୂର୍ବାହ୍ନରେ କାମକୁ ଯାଇ ଦିନ ୧୧ଟା ୩୦ରେ ଫେରିଥିଲେ। ଏହାପରେ ଅପରାହ୍ନ ୨ଟା ବେଳେ ରାମେଶ୍ୱରପାଲି ବସ୍ତି ପିଲାଙ୍କ ସହ ମିଶି ତୋଫାନ ସ୍କୁଲ ପଡ଼ିଆରେ ଖିଆପିଆ କରୁଥିଲା। ଠିକ୍ ଏତିକି ବେଳେ ଅପର ଗୋଷ୍ଠୀର ୩୦ରୁ ଅଧିକ ଯୁବକ ପଡ଼ିଆରେ ପହଞ୍ଚିଥିଲେ। ତୋଫାନକୁ ଚାରିପଟରୁ ଘେରି ଆକ୍ରମଣ କରିଥିଲେ। ପରେ ଗୋଷ୍ଠୀର ଜଣେ ଯୁବକଙ୍କ ଫାର୍ସା ଚୋଟରେ ତୋଫାନ ପଡ଼ିଆରେ ଟଳି ପଡ଼ିଥିଲା। ଏହାପରେ ଆକ୍ରମଣକାରୀମାନେ ସେଠାରୁ ଚମ୍ପଟ୍ ମାରିଥିଲେ। ପଡ଼ିଆରେ ଥିବା ପିଲାମାନେ ତୁରନ୍ତ ୧୧୨କୁ ଫୋନ୍ କରିଥିଲେ। ସେତେବେଳକୁ ତୋଫାନ ମୃତ୍ୟୁ ହୋଇସାରିଥିଲା। ତାଙ୍କୁ ରାଉରକେଲା ସରକାରୀ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଆକ୍ରମଣରେ ଗୁରୁତର ହୋଇଥିବା ଶୁଭେନ୍ଦୁଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)କୁ ସ୍ଥାନାନ୍ତର କରାଯାଇଛି। ସେକ୍ଟର-୭ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବଦଳି ପାଇଁ ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍

## ଫସିଲେ ଦୁଇ ବ୍ଲକ ସହକାରୀ ଯନ୍ତ୍ରୀ



**ଭୁବନେଶ୍ୱର:** ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦସ୍ତଖତକୁ ରାଜ୍ୟ ସରକାରଙ୍କ ଦୁଇଜଣ ଇଞ୍ଜିନିୟର ଜାଲିଆତି କରିଥିବା ଭଳି ସଙ୍ଗୀନ ଅଭିଯୋଗ ପଦାକୁ ଆସିଛି। ଏନେଇ କ୍ୟାପିଟାଲ ଥାନାରେ ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶ' ଲିଖିତ ଅଭିଯୋଗ ପରେ ପ୍ରଶାସନିକ ମହଲରେ ଝଡ଼ ସୃଷ୍ଟି ହୋଇଛି। କ୍ୟାପିଟାଲ ଥାନାରେ ଦାଏର ଏଫଆଇଆରରେ ଦର୍ଶାଯାଇଛି ଯେ, ନିଜର ବଦଳି ପାଇଁ ଦୁଇଜଣ ସରକାରୀ କର୍ମଚାରୀ(ଇଞ୍ଜିନିୟର) ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଓ ସରକାରୀ ପ୍ୟାଡକୁ ଅପବ୍ୟବହାରର କରିଛନ୍ତି। ବାଂଶପାଳ ବ୍ଲକର ଅତିରିକ୍ତ ସହକାରୀ ଯନ୍ତ୍ରୀ(ଏଇଇ) ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ ଅତିରିକ୍ତ ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ମିଳିତ ଭାବେ ଏହି ସଙ୍ଗୀନ ଜାଲିଆତି କରିଛନ୍ତି। ସେମାନେ ନିଜର ବଦଳି ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଓ ସଦର ବ୍ଲକକୁ କରାଇବା ପାଇଁ ଏକ ଅଭିନବ ଉପାୟ ଆପଣାଇଥିବା ଜଣାପଡ଼ିଛି। ଉପବାଚସ୍ପତିଙ୍କ କାର୍ଯ୍ୟାଳୟରୁ ସେମାନଙ୍କ ବଦଳି ସୁପାରିଶ ପାଇଁ କୌଣସି ଚିଠି ଜାରି କରାଯାଇ ନଥିଲେ ମଧ୍ୟ ସେମାନେ ଉପବାଚସ୍ପତିଙ୍କ ଅଫିସିଆଲ୍ ଡି.ଓ. ପ୍ୟାଡର ଅପବ୍ୟବହାର କରିବା ସହ ତାଙ୍କର ଜାଲ୍ ଦସ୍ତଖତ କରି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଦାଖଲ କରିଥିବା ଜଣାପଡ଼ିଛି। ଯାହାଫଳରେ ସେମାନଙ୍କର ବଦଳି ସହଜରେ ହୋଇପାରିବ। ବିଧାନସଭା ଉପବାଚସ୍ପତିଙ୍କ କାର୍ଯ୍ୟାଳୟ ଏହି ଜାଲିଆତି ବିଷୟରେ ଅବଗତ ହେବାପରେ ଏନେଇବ ବିଧିବଦ୍ଧ ଭାବେ ଥାନାରେ ମାମଲା ରୁଜୁ ହୋଇଛି। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶ' କ୍ୟାପିଟାଲ ଥାନା ଆଇଆଇସିଙ୍କୁ ଚିଠି ଲେଖି ଏଫଆଇଆର ରୁଜୁ କରିବା ପାଇଁ ଅନୁରୋଧ କରିଛନ୍ତି।

## ରାଜ୍ୟର ୧୩୨ଟି କେନ୍ଦ୍ରରେ ନିଟ୍-ୟୁଜି ପରୀକ୍ଷା

### ତ୍ରିସ୍ତରୀୟ ସୁରକ୍ଷା, ସିସିଟିଭି ନିରୀକ୍ଷଣ ଉପରେ ଗୁରୁତ୍ୱ



**ଭୁବନେଶ୍ୱର:** ରାଜ୍ୟର ବିଭିନ୍ନ ଜିଲ୍ଲାର ୧୩୨ଟି ପରୀକ୍ଷା କେନ୍ଦ୍ରରେ ଆସନ୍ତା ୨୧ ତାରିଖରେ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପରକ୍ଷାକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବାକୁ ଆଜି (ମଙ୍ଗଳବାର) ଭୁବନେଶ୍ୱର ସ୍ଥିତି ଡିଜିପିଙ୍କ କ୍ୟାମ୍ପ୍ କାର୍ଯ୍ୟାଳୟ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପରୀକ୍ଷା ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ସହିତ ସମଗ୍ର ପ୍ରକ୍ରିୟାକୁ ସୁରୁଖୁରୁରେ ସମାପ୍ତ କରିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ସମସ୍ତ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ସୁରକ୍ଷା, ସିସିଟିଭି ନିରୀକ୍ଷଣ, ପ୍ରଶ୍ନପତ୍ର ସଂରକ୍ଷିତ ଥିବା ବ୍ୟାଙ୍କ ଲକରର ନିରାପତ୍ତା, ପରୀକ୍ଷା କେନ୍ଦ୍ର ପରିସର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ ପରିଚାଳନା ଏବଂ ଆପାତ୍‌କାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହାବ୍ୟତୀତ ସୋସିଆଲ ମିଡିଆ ମନିଟରିଂକୁ ଅଧିକ ସକ୍ରିୟ, ସାଇବର ସେଲ୍‌କୁ ସତର୍କ, ଭ୍ରାନ୍ତ ତଥ୍ୟ ଓ ଗୁଜବ ପ୍ରଚାର ଉପରେ କଡ଼ା ନଜର ରଖିବା ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାର ପୂର୍ବ ପରୀକ୍ଷଣ ଓ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷା ଶେଷ ହେବା ପରେ ଓଏମ୍ଆର ସିଟ୍‌ଗୁଡ଼ିକୁ ପରୀକ୍ଷା କେନ୍ଦ୍ରରୁ ସଂଗ୍ରହ କରି ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରଚଳିତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବାକୁ ଡିଜିପି ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାରର ଅନିୟମିତତା, ଅସାଧୁ କାର୍ଯ୍ୟକଳାପ କିମ୍ବା ସୁରକ୍ଷା ତ୍ରୁଟିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ପୋଲିସ ପ୍ରଶାସନ ସଦା ସର୍ବଦା ସତର୍କ, ସଜାଗ ଓ ପ୍ରସ୍ତୁତ ରହିବାକୁ ସେ ସମସ୍ତ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଭତ୍ତା ପାଇଁ ଜୀବନ ହାରିଲେ ବୃଦ୍ଧା



**ବେଗୁନିଆପଡା :** ଦୀର୍ଘ ୩ ମାସ ଧରି ଭତ୍ତା ନ ପାଇ ଶେଷରେ ଜୀବନ ହାରିଦେଲେ ୬୬ ବର୍ଷୀୟା ବୃଦ୍ଧା। ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦକୋଟ ଗ୍ରାମ ପଞ୍ଚାୟତର ଚଢିଆପଡା ଗ୍ରାମରେ। ଭତ୍ତା ଟଙ୍କା ଆକାଉଣ୍ଟ୍ କୁ ଆସିଲା କି ନାହିଁ ସେ ନେଇ ବାରମ୍ବାର ବ୍ୟାଙ୍କକୁ ଦୌଡୁଥିଲେ। ଦୀର୍ଘ ୩ ମାସ ଧରି ଭତ୍ତା ନ ଆସିବାରୁ ମାନସିକ ଭାରସାମ୍ୟ ହରାଇ ଗତ ରବିବାର ଆତ୍ମହତ୍ୟା କରିଦେଲେ ବୃଦ୍ଧା ମହିଳା। ବୃଦ୍ଧା ଜଣକ ହେଲେ ଚଢିଆପଡା ଗ୍ରାମର ବି ସାବିତ୍ରୀ ଦୋରା। ଗୁରୁତର ଅବସ୍ଥାରେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଶଙ୍କଟାପନ୍ନ ଥିବାରୁ ଡକ୍ଟର ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କର ମରଶରୀରକୁ ସେଠାରେ ପୋଷ୍ଟ ମୋଟମ୍ କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡ଼ିଛି । ନିର୍ବାଚନ ସମୟରେ ଭତ୍ତା ବୃଦ୍ଧି ପାଇଁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ ପରେ ପ୍ରତିଶ୍ରୁତି ତ ପୂରଣ ହୋଇନି। ଓଲଟା ପ୍ରଚଳିତ ଭତ୍ତା ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। କାହାର ଦୁଇ ମାସ ତ ଆଉ କାହାର ଚାରି ମାସ ହେବ ଆକାଉଣ୍ଟ ଆସୁନି ଭତ୍ତା ଟଙ୍କା । ନାହିଁ ନଥିବା ହଅସୁବିଧାର ସମ୍ମୁଖୀନ ହେଉଛନ୍ତି ହିତାଧିକାରୀ। ବାରମ୍ବାର ବ୍ୟାଙ୍କ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ସେପଟେ ଘଟଣାକୁ ନେଇ ସରକାରଙ୍କ ଉପରେ ବର୍ଷିବା ସହ ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି ଆସ୍କା ସାଂସଦ ପ୍ରାର୍ଥୀନୀ ତଥା ବିଜେଡି ନେତ୍ରୀ ରଞ୍ଜିତା ସାହୁ।

### ୫୭ ତମ ଦିବସରେ ରଥଖଳା ହାଲ୍‌ଚାଲ୍

## ତିନିରଥରେ ଘୋଡା ଲାଗିବା ପାଇଁ ଚାରପରିଛା ଫିଟିଙ୍ଗ

### ତିନିରଥର ବାକି ପୋଟଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି
### ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲିଛି ୩ ରଥ ନିର୍ମାଣ



**ପୁରୀ:** ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ ।ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ମଙ୍ଗଳବାର ରଥ ନିର୍ମାଣର ୫୭ ତମ ଦିବସରେ ରଥ ନିର୍ମାଣକାରୀ ସେବକମାନେ ପୂର୍ବଦିନ ପରି ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସୋମବାର ସୁଦ୍ଧା ତିନିରଥ ଉପର ତୃତୀୟ ଭୂଇଁ ଫ୍ରେମ ଉପରେ ଏକ ନମ୍ବର ବଡ଼ ଥଳ ପୋଟଳ ସ୍ଥାପନ ହେବା ସହ, ରଥ ଉପର ପଟା ବାଡ଼ିଆ ପୂର୍ବରୁ ତାଗ ବା ବଟନ୍ ବାଡ଼ିଆ କାର୍ଯ୍ୟ ଜାରି ରହିଥିଲା। ମଙ୍ଗଳବାର ଅପରାହ୍ନରେ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଭୋଇ ସେବକ ମାନେ ମିଶି ତିନି ରଥର ମୂଳ କଇଞ୍ଚି ବା ଚାରି ନାହାକା କଇଞ୍ଚି ତିନିରଥରେ ଦୁଇଟି ଲେଖାଏଁ ଉଭୟ ପାର୍ଶ୍ୱରେ ପଡ଼ିଅଛି ।ଏହି କଇଞ୍ଚି ତିନିରଥ ଭୂଇଁ କୁ ମଜବୁତ୍ କରି ରଖିବା ପାଇଁ ଚାରି ନାହାକା ଭିତର ପାର୍ଶ୍ୱରେ ଚାର ନାହାକା ମୂଳରୁ କ୍ରସ କରି ଫିଟିଙ୍ଗ କରାଯାଇଛି। ରଥ ଚାଳିରେ ମହାରଣା ସେବକ ମାନେ ତିନିରଥର ବାକି ପୋଟଳ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଛନ୍ତି। ମହାରଣା ସେବକ ମାନେ ତିନିରଥର ଦୁଆର ବେଢ଼ା ପାଇଁ ୮ ଟି ଲେଖାଏଁ ଗାରେଡ଼ି ଏବଂ ୪ ଗୋଟି ଲେଖାଏଁ ଅଁଳା ନିର୍ମାଣ ଶେଷ କରିଛନ୍ତି। ଆଜି ତିନିରଥର ଘୋଡ଼ା ସେଟିଙ୍ଗ ପାଇଁ ତିନି ରଥ ସମ୍ମୁଖ ଭାଗ ନୀରାଡ଼ି ତଳ ଭାଗରେ ଗୋଟିଏ ଗୋଟିଏ ଚାର ପରିଛା ଫିଟିଙ୍ଗ ସହ କଣ୍ଟା ପଡ଼ିବା ଶେଷ ହୋଇଛି। ଏହି ଚାର ପରିଛା ରେ ଇସ ସଂଯୋଗ ହୋଇ ରଥରେ ଘୋଡ଼ା ଲାଗିବାରେ ସହାୟକ ହୋଇଥାଏ ।ଏଥିସହ ଆଜି ତିନିରଥର ଆଗ ଆଣି ପଛ ଆଣି ଦୁଇଟି ଲେଖାଏଁ କତରା ତିନିରଥରେ ସେଟିଙ୍ଗ କାର୍ଯ୍ୟ ଶେଷ ହୋଇଅଛି। ରୂପକାର ସେବକ ମାନେ ତିନିରଥର ଗୋଟିଏ ଗୋଟିଏ ଚାର ପରିଛାରେ ପଦ୍ମ ଫୁଲ,ମୟୂର ଏବଂ ଡାଳି ଲତା ଖୋଦେଇ ଶେଷ ପରେ ତିନିରଥର ଭୋଇ ସେବକ ମାନଙ୍କୁ ଫିଟିଙ୍ଗ ପାଇଁ ଯୋଗାଇ ଦେବା ସହ ତିନିରଥର ଦୁଆର ବେଢ଼ା ପାଇଁ ନାଟ ଗୋଡ଼ ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି। ଚିତ୍ରକାର ସେବକ ମାନେ ପାର୍ଶ୍ୱ ଦେବାଦେବୀ ମାନଙ୍କ ମୂର୍ତ୍ତି ଗୁଡିକରେ ରଙ୍ଗ କାର୍ଯ୍ୟ ସହ ତିନି ରଥର ବାହ୍ୟ ଅଂଶ ଯଥା ଚକ, କୋଣ ଗୁଜ, ପଟା ଗୁଜ ଇତ୍ୟାଦିରେ ଧାଳା ପ୍ରାଇମର୍ ଦେବା କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ପୋଟଳ ପାଇଁ ବାଗିଆ କଣ୍ଟା, ଜଙ୍ଘା କଣ୍ଟା ଏବଂ ଓଲଟ ଶୁଆ ଫିଟିଙ୍ଗ ପାଇଁ ନରାଜ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳ ବେଦୀ ଠାରେ ପାହି ମହାରଣା ମାନେ ରଥ ଯାତ୍ରା ନିମନ୍ତେ ସେବା ପୂଜା ପାଇଁ କାଠ ଏବଂ ବାଉଁଶ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୭ ଜଣ, ଭୋଇ ସେବକ ୭୫ଜଣ, ରୂପକାର ସେବକ ୨୧ଜଣ,କରତୀ ସେବକ ୪ଜଣ , ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ ,ଚିତ୍ରକାର ୧୬ ଜଣ, ରଥଖଳା ସହାୟକ ୧ଜଣ ମୋଟ ୨୧୮ ଜଣ ସେବକ ମହାପ୍ରଭୁଙ୍କ ରଥ ନିର୍ମାଣରେ ନିମଗ୍ନ ରହିଛନ୍ତି ।

ସମ୍ପାଦକୀୟ

# ସରକାରଙ୍କ ବକୁଳବନ ସ୍ୱପ୍ନ !

ଡେରିରେ ହେଉ, ଚେତା ପଶିଛି ସରକାରଙ୍କର । ବିଜେପି ସରକାର ରାଜ୍ୟରେ ତା'ର ଦୁଇବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି। କେନ୍ଦ୍ରରେ ବିଜେପି , ରାଜ୍ୟରେ ବି ବିଜେପି । ଉଭୟ କେନ୍ଦ୍ରରେ ଏବଂ ରାଜ୍ୟରେ ଏବେ ଗୋଟିଏ ଦଳର ସରକାର। ବିଜେପି ସରକାର। ସେଥିପାଇଁ ସାଧାରଣତଃ ଯାହା ଆଶା କରାଯାଏ ଯେ ରାଜ୍ୟରେ ନିଶ୍ଚିତରୂପେ ଏକ ସୁଶାସନର ମୂଳଦୁଆ ପଡ଼ିପାରିବ । ରାଜ୍ୟ ସରକାର ରାଜ୍ୟବାସୀଙ୍କ ହିତରେ, ରାଜ୍ୟବାସୀଙ୍କ୍ କଲ୍ୟାଣରେ ସେମିତି ଅନେକ କିଛି ସମୟୋଚିତ ପଦକ୍ଷେପ ନେଇପାରିବେ ସରକାରୀ ସ୍ତରରେ, ଯାହାକି ରାଜ୍ୟର ବିକାଶକୁ ଦ୍ରୁତ ଗତିରେ ଆଗେଇ ନେଇପାରିବ। ଅନ୍ତତଃ ରାଜ୍ୟର ବିଜେପି ସରକାର ଠାରୁ ଏମିତି କିଛି ଆଶା କରିବାରେ କିଛି ବି ସମସ୍ୟା ନାହିଁ। ଯାହା ବି କିଛି ସମସ୍ୟା ଆସିବ, ତା'ର ସମାଧାନ କରିବାରେ ରାଜ୍ୟ ସରକାର ତାଙ୍କ ଚେଷ୍ଟାରେ କେନ୍ଦ୍ରକୁ ବି ସାମିଲ୍ କରିପାରିବ, କେନ୍ଦ୍ରର ବି ସହଯୋଗ ଅବା ଯୋଗ ପରାମର୍ଶ ନେଇପାରିବ। ସେଥିପାଇଁ ତ ଡବଲ୍ ଇଞ୍ଜିନ୍ ସରକାର। ନଚେତ କି ଲାଭ ? ନାମକୁ ଖାଲି ଡବଲ୍ ଇଞ୍ଜିନ୍ ! ଚଳିତ ମାସ ୨୦ ତାରିଖରେ ବିଜେପି ତା'ର ଏକ ମହା ଉତ୍ସବ ପାଳନ କରିବାକୁ ଯାଉଛି, ଯାହାକୁ ଆମେ ସୁନିଶ୍ଚିତରୂପେ ମହୋତ୍ସବ କହିପାରିବା। କାରଣ ରାଜ୍ୟ ରାଜନୀତିର ଇତିହାସରେ ପ୍ରଥମଥର ପାଇଁ ଗୋଟାଏ ମଞ୍ଚରେ ଏକାଠି ହେବାକୁ ଯାଉଛନ୍ତି ଭାରତର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ। ରାଷ୍ଟ୍ରପତିଙ୍କ ହୋମ୍ ଟାଉନ୍‌ରେ ସେଭଳି କିଛି ଘଟଣା ଘଟିବାକୁ ଯାଉଛି ଯାହାକି ଦର୍ଶନଯୋଗ୍ୟ। ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେ କି ସେହି ମଞ୍ଚରେ ଉପସ୍ଥିତ ରହିବେ, ସେ ମଧ୍ୟ ନିଜକୁ ପୂରା ପ୍ରସ୍ତୁତ କରୁଛନ୍ତି ଦେଶର ଦୁଇ ସାମ୍ବିଧାନିକ ମୁଖ୍ୟଙ୍କ ନିକଟରେ ନିଜକୁ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବା ପାଇଁ। ଏଠାରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବାର ସଠିକ୍ ଅର୍ଥ ହେଉଛି ମୁଖ୍ୟମନ୍ତ୍ରୀ ମହୋତ୍ସବର ସେହି ମହାମଞ୍ଚରେ ସେମିତି କିଛି ଶସ୍ତା ଭାଷଣବାଜି କରିବେ ନାହିଁ କି କେନ୍ଦ୍ର ସରକାରଙ୍କ ଅଯଥା ଗୁଣାଗାନ କରିବେ ନାହିଁ ବରଂ ବିଜେପି ଶାସନ କାଳରେ ରାଜ୍ୟରେ ବିଗତ ଦୁଇ ବର୍ଷରେ ଯାହା ବି କିଛି ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ ହୋଇଛି ଏବଂ ଆଗକୁ ଯାହା ବି କିଛି କାର୍ଯ୍ୟ ଯୋଜନା ରହିଛି, ସେ ସବୁ ବିଷୟରେ ମଧ୍ୟ ଉଲ୍ଲେଖ କରିବେ ପ୍ରମାଣ ସହିତ କାରଣ କେନ୍ଦ୍ର ସରକାର ହୁଏତ ପ୍ରମାଣ ମାଗିପାରନ୍ତି। ମୋହନ ସରକାର ତାଙ୍କର ବିଗତ କାର୍ଯ୍ୟକ୍ରମର ଇତିହାସ ବଖାଣିବା ସହିତ ଆଗାମୀ କାର୍ଯ୍ୟ ଯୋଜନାର ମଧ୍ୟ ସୂଚନା ଦେବେ ଯାହା ମଧ୍ୟରେ ରହିଛି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା। ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ। ଏହିଭଳି ଏକ ଗୁରୁ ବିଷୟ ଉପରେ ରାଜ୍ୟ ସରକାର ଏବେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିବାକୁ ଯାଉଛନ୍ତି ଯାହାର ଶୁଭାରମ୍ଭ ହୋଇଛି ଚଳିତବର୍ଷ ଜାନୁଆରୀରୁ ବାଣପୁରରୁ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୨୨୦୦ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ୍ ପକ୍ଷରୁ ସମୁଦାୟ ୧୨୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏବେ ୨୦୪ଟି ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହିପରିଭାବେ ପର୍ଯ୍ୟାୟକ୍ରମେ ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଧୀରେ ଧୀରେ ସମ୍ପନ୍ନ ହେବ ଏହି କାର୍ଯ୍ୟକ୍ରମ ପ୍ରକ୍ରିୟା। ଯାହାକୁ ବକୁଳ ବନ ଢାଞ୍ଚାରେ ନିର୍ମାଣ କରାଇବାର ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ସ୍ୱପ୍ନ ବି ଦେଖୁଛନ୍ତି। ହେଲେ ସ୍ୱପ୍ନ କି ପୂରଣ ହେବ ସରକାରଙ୍କର ? ରାଜ୍ୟ ସରକାର ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଅନେକ ଅର୍ଥ ଖର୍ଚ୍ଚ କରୁଚନ୍ତି। ବିଭିନ୍ନ ସମୟରେ ଶିକ୍ଷକମାନଙ୍କୁ ନିଯୁକ୍ତି ପ୍ରଦାନ ସହ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବି ଚାଲିଛି। ସବୁ ସତ୍ୱେ ସରକାରଙ୍କ ବକୁଳ ବନ ଢାଞ୍ଚାରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ସ୍ୱପ୍ନର ସଫଳତା ଆଜି ବି ସନ୍ଦେହଘେରରେ। କାରଣ ସରକାର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ସବୁକିଛି କରିପାରନ୍ତି ହେଲେ ଅତୀତର ବକୁଳବନ ସହିତ ଜଡ଼ିତ ଶିକ୍ଷକମାନଙ୍କ ମୂଳ ନୀତି ଆଦର୍ଶ ସୃଷ୍ଟି କରିବେ କିପରି ? ତାହା ହିଁ ବଡ଼ ପ୍ରଶ୍ନ ?

## ସେନାପତିଙ୍କ ଦକ୍ଷତା

ଭାରତରେ ମୋଗଲ୍ ଶାସକ ଭାବରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ ଅକବର ଯାହାଙ୍କ ବୀରତ୍ୱର ଗାଥା ଆଜି ବି ଭାରତରେ ଚର୍ଚ୍ଚିତ । ମୋଗଲ୍ ସମ୍ରାଟ୍ ଆକବରଙ୍କ ରାଜ ଦରବାର। ଥରେ ଦୁଇ ଯୁବକ ସେମାନେ ଆସିଥିଲେ ଆକବରଙ୍କ ପାଖକୁ କିଛିଟା ନିଯୁକ୍ତି ଆଶା ନେଇ । କୁହାଯାଏ କି ଅଶୋକ୍, ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ତଥାପି ମାନ ସିଂ ଅତି ଧୈର୍ଯ୍ୟର ସହିତ ସେ ଦୁହିଁଙ୍କ୍ ଯୋଗ୍ୟତା ବିଷୟରେ ଅନୁଧ୍ୟାନ କରି ଆକବରଙ୍କ୍ ଆଗରେ ସେମାନଙ୍କ୍ ବୀରତ୍ୱ ବିଷୟରେ ବଖାଣିଥିଲେ।

# ମନେ ପଡ଼ନ୍ତି ଧରତୀ ଆବା ବୀର୍ସା ମୁଣ୍ଡା



ଦଶରଥ ହେମ୍ବ୍ରମ୍

'ଆବୁଆ ରାଜା ଇତେ ଜାନା, ମହାରାନୀ ରାଜ ଟୁଡୁ ଜାନା' ଅର୍ଥାତ ମହାରାଣୀଙ୍କ ସାମ୍ରାଜ୍ୟ ପତନ ହେଉ ଏବଂ ଆମ ସାମ୍ରାଜ୍ୟର ପ୍ରତିଷ୍ଠା ହେଉ। ଏହା ଥିଲା ବ୍ରିଟିଶ୍ ଶାସନ ପ୍ରତିଷ୍ଠା ବିରୋଧରେ ପ୍ରତିବାଦର ବିପ୍ଳବାତ୍ମକ ସ୍ୱର ଏବଂ ମୁଣ୍ଡା ବିଦ୍ରୋହର ସୂତ୍ରପାତ। ମହାନ୍ ସ୍ୱତନ୍ତ୍ରତା ସେନାନୀ ବିର୍ସା ମୁଣ୍ଡାଙ୍କର ଏହି ଅନ୍ଦୋଳନର ମୁଖ୍ୟ ସୂତ୍ରଧର ଥିଲେ, ଯାହାଙ୍କୁ 'ଭଗବାନ' ବା 'ଧରତୀ ଆବା' ବୋଲି ଲୋକମାନେ ସମ୍ବର୍ଦ୍ଧନା କରିଥିଲେ। ଉନବିଂଶ ଶତାବ୍ଦୀରେ ଭାରତରେ ଇଂରେଜ ଶାସନ ସମୟରେ ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାର କିଛି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏକାଠି କରି ଏକ ବଡ଼ ଧରଣର ବିପ୍ଳବ ଆରମ୍ଭ କରାଯାଇଥିଲା, ଯାହା 'ଉଲଗୁଲାନ' ନାମରେ ସୁପରିଚିତ। ଭଗବାନ ବିର୍ସା ମୁଣ୍ଡା ଭାରତର ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବେ ଇତିହାସରେ ବିଖ୍ୟାତ। ସ୍ୱାଧୀନତା ଆନ୍ଦୋଳନରେ ଆତ୍ମବଳି ଦେଇଥିବା କେତେଜଣ ପୁଣ୍ୟାତ୍ମାଙ୍କ ଭିତରେ ଭଗବାନ ବିର୍ସା ମୁଣ୍ଡା ଅନ୍ୟତମ। ସରଳ, ନିରୀହ ଅଞ୍ଚଳବାସୀଙ୍କୁ ଗୋତି ଓ ବେଠି ଖଟାଇବା ଓ ଜବରଦସ୍ତ ଧର୍ମାନ୍ତରଣ କରିବା ଭଳି ଅମାନୁଷିକ କାର୍ଯ୍ୟ ଦେଖି ଭାବଗାନ ବୀର୍ସା ମୁଣ୍ଡା ସହ୍ୟ କରି ପାରୁନଥିଲେ। ଏଥିପାଇଁ ଆଦିବାସୀମାନଙ୍କୁ ଏକତ୍ରିତ କରି ବ୍ରିଟିଶ୍ ଅତ୍ୟାଚାର ବିଷୟରେ ଜନଜାଗରଣ ଆରମ୍ଭ କରିବା ସହିତ ଅତ୍ୟଧିକ ଖଜଣା ନ ଦେବା ଓ ବନ୍ଧୁକ ମୁନକୁ ଡରି ଧର୍ମତ୍ୟାଗ ନ କରିବାକୁ ସେ ଅଞ୍ଚଳବାସୀଙ୍କୁ ସଚେତନ କରୁଥିଲେ। ତାଙ୍କ ଆହ୍ୱାନରେ ଶହଶହ ଯୁବକ ନିଜ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ଶପଥ ନେଇଥିଲେ। ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ କରିବାପାଇଁ ଡାକରା ଦେଲେ। ସେହି ମହାନାୟକ ବିର୍ସା ମୁଣ୍ଡାଙ୍କୁ ଦେଖି ଇରେଂଜମାନେ ଭୟରେ କମ୍ପୁଥିଲେ। ୧୮୭୫ ମସିହା ନଭେମ୍ବର ମାସ ୧୫ ତାରିଖରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ। ପିତାଙ୍କ ନାମ ସୁଗନା ମୁଣ୍ଡା ଓ ମାତାଙ୍କ ନାମ ଥିଲା କାରମୀ ମୁଣ୍ଡା। ବିର୍ସା ମୁଣ୍ଡାଙ୍କର ଶିକ୍ଷା ସାଲଗାଠାରେ

ଆରମ୍ଭ ହୋଇଥିଲା। ଏହାପରେ ସେ ବୁରୁଜ ପ୍ରାଇମେରୀ ସ୍କୁଲରେ ଅଧ୍ୟୟନ କରିବା ସହିତ ଚାଇଁବସାର ମିଶନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷା ଲାଭ କରିଥିଲେ। ଚାଇଁବସାରେ ପାଠ ପଢୁଥିଲା ବେଳେ ଗୋରା ପ୍ରଧାନ ଶିକ୍ଷକ ଆକ୍ରୋଶ ମନୋଭାବ ରଖି ବିର୍ସାଙ୍କୁ ଅମାନୁଷିକ ଭାବେ ଚାବୁକରେ ମାଡ଼ ମାରିଥିଲେ। ବିଦ୍ୟାଳୟରୁ ବହିଷ୍କାର କରି ଦେଇଥିଲେ। ସେହି ଦିନଠାରୁ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଇ ଇଂରେଜ ଶାସନ ବିରୋଧରେ ଲଢ଼େଇ କରିବା ପାଇଁ ସେ ଶପଥ ନେଲେ। ୧୮୯୪ରେ କୁଖ୍ୟାତ ଜମି ଅଧିଗ୍ରହଣ ଆଇନ ଇଂରେଜମାନେ ପ୍ରଣୟନ କରିଥିଲେ। ଏହି ଆଇନ ଜରିଆରେ ଖଣି ଖାଦାନ, ରେଳ ଲାଇନ୍, କାରଖାନା ନିର୍ମାଣ ପାଇଁ ସରକାର ନାମକୁ ମାତ୍ର କ୍ଷତିପୂରଣ ଦେଇ ଜମିକୁ ବଳପୂର୍ବକ ଛଡ଼େଇ ନେଲେ। ଏହାଫଳରେ ଆଦିବାସୀମାନେ ବଡ଼ ସଂଖ୍ୟାରେ ନିଜର ଜମି ଓ ଜଙ୍ଗଲ ହରାଇ ଭିଟାମାଟିରୁ ବଞ୍ଚିତ ହେଲେ। ଏହାର ପ୍ରତିବାଦରେ ବୀର୍ସା ମୁଣ୍ଡା ୧୮୯୫ରେ ତାମର ଅଞ୍ଚଳର ଚାଲକଡ଼ ଗାଁରେ ଏକ ଜନସଭା କରିଥିଲେ। ସବୁ ଅଞ୍ଚଳର ଆଦିବାସୀ ଓ ଅନ୍ୟ ଶୋଷିତ ଗରିବ ଲୋକଙ୍କୁ ଏକାଠି ହେବାକୁ ଡାକରା ଦେଇଥିଲେ। ସେହି ସଭାରେ ସେ ଘୋଷଣା କରିଥିଲେ, ରାଣୀ ଭିକ୍ଟୋରିଆଙ୍କ ବ୍ରିଟିଶ ଶାସନର ଆଜିଠାରୁ ଅନ୍ତ ହେଲା ଏବଂ ମୁଣ୍ଡାମାନଙ୍କ ଶାସନର ଆରମ୍ଭ ହେଲା। ଏପରିକି ଆଜିଠାରୁ ବ୍ରିଟିଶ ସରକାରଙ୍କୁ ନିଜର ଜମିର ଖଜଣା ନଦେବାକୁ ସେ କୃଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଇଂରେଜ ସରକାର ୧୮୯୫ ମସିହା ଅଗଷ୍ଟ ୧୬ ଦିନ ବିର୍ସା ମୁଣ୍ଡାଙ୍କ ସମେତ ତାଙ୍କର ୧୫ ଜଣ ସହଯୋଗୀ ବିଦ୍ରୋହୀଙ୍କୁ ଗିରଫ କରିଥିଲେ। ଦେଶଦ୍ରୋହ ଅପରାଧରେ ସେମାନଙ୍କୁ ଦୁଇବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଭଗବାନ ବୀର୍ସା ମୁଣ୍ଡା ଏତିକିରେ ଅଟକି ଯାଇ ନଥିଲେ। ଏହାପରେ ବିର୍ସା ମୁଣ୍ଡାଙ୍କ ଆହ୍ୱାନରେ ଶହଶହ ଆଦିବାସୀ ଯୁବକମାନେ ଉଲଗୁଲାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ଡିସେମ୍ବର ୯ ତାରିଖ ୧୮୯୯ରେ ଆଦିବାସୀ ବିଦ୍ରୋହୀମାନେ ନିଆଁହୁଳା, ଧନୁତୀର ଓ ବର୍ଚ୍ଛା ଧରି ଇଂରେଜମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇଦେଲେ। ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ବିଦ୍ରୋହୀଙ୍କ ମଧ୍ୟରୁ ୧୨ ଜଣ ଶହୀଦ ହୋଇଥିଲେ। ବିର୍ସାଙ୍କୁ ଧରାଇଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ ବୋଲି ବ୍ରିଟିଶ ସରକାର ଘୋଷଣା କରିଥିଲେ।

ତାଙ୍କ ସନ୍ଧାନରେ ଦୁଇଜଣ ସିପାହୀଙ୍କୁ ମଧ୍ୟ ପଠାଇ ଦିଆଗଲା। ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ ସେହି କନେଷ୍ଟବଳଦ୍ୱୟଙ୍କୁ ହତ୍ୟା କରିଦିଆଗଲା। ଏହାର ପ୍ରତିଶୋଧରେ ସଶସ୍ତ୍ର ପୋଲିସ୍ ବାହିନୀ ସହାୟତାରେ ଗୟା ମୁଣ୍ଡାଙ୍କୁ ହତ୍ୟା କରାଗଲା। ଇଂରେଜ ସରକାର ବିର୍ସାଙ୍କ ସନ୍ଧାନ ନପାଇବାରୁ ମୁଣ୍ଡାମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଆରମ୍ଭ କଲେ ଓ ସେମାନଙ୍କ ଘରେ ନିଆଁ ଲଗାଇଦେଲେ। ଏଥିରୁ ରକ୍ଷା କରିବା ପାଇଁ ବିର୍ସାଙ୍କ ଦୁଇ ସହଯୋଗୀ ଡେନକା ମୁଣ୍ଡା ଏବଂ ମାଝିଆ ମୁଣ୍ଡା ଇଂରେଜ ସରକାରଙ୍କ

ପାଖରେ ଆତ୍ମସମର୍ପଣ କଲେ। ଏହି ସମୟରେ ଦୁଇଜଣ ବିଶ୍ୱାସଘାତକ ଶଶୀଭୂଷଣ ରାୟ ଏବଂ ମାଝିତା ମାରିଆ ପାଞ୍ଚ ଶାହ ଟଙ୍କା ଲୋଭରେ ବିର୍ସା ମୁଣ୍ଡା ଜଙ୍ଗଲରେ ଲୁଚି ରହିଥିବାର ଖବର ଇଂରେଜ ସରକାରକୁ ଜଣାଇଦେଲେ। ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ବିର୍ସାଙ୍କୁ ଜଙ୍ଗଲରୁ ଗିରଫ କରିବାରେ ଇଂରେଜ ସେନା ସଫଳ ହୋଇଥିଲେ। ତାଙ୍କୁ ରାଞ୍ଚି ଜେଲ୍‌କୁ ନିଆଗଲା। ମାତ୍ର ପଚିଶ ବର୍ଷ ବୟସ୍କ ବିଦ୍ରୋହୀ ବିର୍ସା ମୁଣ୍ଡା ରାଞ୍ଚି ଜେଲ୍‌ରେ ଦିନ କାଟୁଥିବା ବେଳେ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯିବାରୁ ଜୁନ୍ ୯ ତାରିଖରେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେହି ମହାନ ଦେଶପ୍ରେମୀ ତଥା ମହାନ ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ କୃତବିଦ୍ୟତା ଆଜି ମନେ ପଡୁଛି। ଭଗବାନ ବିର୍ସା ମୁଣ୍ଡାଙ୍କ ନୀତି ଆଦର୍ଶ ଓ ତାଙ୍କ ଚିନ୍ତାଧାରା ସଦା ଅମର ରହୁ। ଆମେ ସମସ୍ତେ ଭାରତୀୟମାନେ ଆଜି ଗର୍ବିତ ଯେ, ଏପରି ଜଣେ ତେଜସ୍ୱୀ ବୀର ସନ୍ତାନ ପୁଣ୍ୟଭୂମି ଭାରତ ମାଟିରେ ଭୂମିଷ୍ଠ ହୋଇଥିଲେ।

ବାଲେଶ୍ୱର, ମୋ- ୯୩୩୭୪୦୪୨୫୪

# ଜଳୁଛି ଜଙ୍ଗଲ, ଜଳୁଛି ପରିବେଶ, ଜଳୁଛି ଭବିଷ୍ୟତ
# ଆସନ୍ତୁ, ସବୁଜ ପୃଥିବୀ ପାଇଁ ହାତ ମିଳାଇବା



ଏସ. ଆର୍ ଶ୍ରଦ୍ଧାଞ୍ଜଳି

ପୃଥିବୀର ଫୁସଫୁସ ବୋଲି ପରିଚିତ ଜଙ୍ଗଲ ଆଜି ଅଗ୍ନିର ଲେଲିହାନ ଶିଖାରେ ଦଗ୍ଧ ହେଉଛି। କେବଳ ଗଛ ନୁହେଁ, ଏହା ସହିତ ଜଳୁଛି ଜୈବ ବିବିଧତା, ପରିବେଶୀୟ ସନ୍ତୁଳନ ଏବଂ ମାନବ ସଭ୍ୟତାର ଭବିଷ୍ୟତ। ଗତ କିଛି ବର୍ଷ ଧରି ପୃଥିବୀର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ଭୟାବହ ଜଙ୍ଗଲ ନିଆଁ ଏହି ବିପଦର ଗମ୍ଭୀରତାକୁ ସ୍ପଷ୍ଟ କରିଛି। ବିଶେଷଜ୍ଞମାନଙ୍କ ମତରେ ଜଳବାୟୁ ପରିବର୍ତ୍ତନ, ଅସାବଧାନତା ଏବଂ ବନ ପରିଚାଳନାର ତ୍ରୁଟି ଏହି ସଙ୍କଟକୁ ଆହୁରି ଗଭୀର କରୁଛି। ୨୦୨୩ ମସିହାରେ କାନାଡା ନିଜ ଇତିହାସର ସବୁଠାରୁ ଭୟଙ୍କର ଜଙ୍ଗଲ ନିଆଁର ସାକ୍ଷୀ ହୋଇଥିଲା। ଏହି ଅଗ୍ନିକାଣ୍ଡରେ ବିଶାଳ ବନାଞ୍ଚଳ ପୋଡ଼ି ଯାଇଥିଲା ଏବଂ ଅସାଧାରଣ ପରିମାଣର କାର୍ବନ ନିର୍ଗମନ ଘଟିଥିଲା। ଏହାର ଧୂଆଁ ହଜାର ହଜାର କିଲୋମିଟର ଦୂରରେ ଥିବା ଅଞ୍ଚଳଗୁଡ଼ିକର ବାୟୁ ଗୁଣବତ୍ତାକୁ ପ୍ରଭାବିତ କରିଥିଲା। ସେହିପରି ଗ୍ରୀସରେ ୨୦୨୩ ମସିହାରେ ଘଟିଥିବା ଜଙ୍ଗଲ ନିଆଁ ୟୁରୋପୀୟ ସଂଘର ଇତିହାସର ସବୁଠାରୁ ବଡ଼ ବନ୍ୟ ଅଗ୍ନିକାଣ୍ଡ ଭାବେ ପରିଚିତ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ, ଶୁଷ୍କ ପରିବେଶ ଏବଂ ମାନବୀୟ ଅବହେଳା ଏହାକୁ ଅଧିକ ଭୟଙ୍କର କରିଥିଲା। ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଅନେକ ଜୀବନ ହାନି ଘଟିଥିଲା। ଆମେରିକାର ହାୱାଇ ଦ୍ୱୀପପୁଞ୍ଜର ମାଉଇ ଅଗ୍ନିକାଣ୍ଡ ମଧ୍ୟ ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଲାହାଇନା ସହର ପ୍ରାୟ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଥିଲା ଏବଂ ଶତାଧିକ ଲୋକ ପ୍ରାଣ ହରାଇଥିଲେ। ଭାରତ ମଧ୍ୟ ଏହି ସମସ୍ୟାରୁ ମୁକ୍ତ ନୁହେଁ। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଓଡ଼ିଶାର ଜଙ୍ଗଲରେ ପ୍ରତିବର୍ଷ ଅନେକ ଅଗ୍ନିକାଣ୍ଡ ଘଟୁଛି। ଓଡ଼ିଶାର ସିମିଳିପାଳ ଜାତୀୟ ଉଦ୍ୟାନରେ ଗତ କିଛି ବର୍ଷ ଧରି ଘଟୁଥିବା ଜଙ୍ଗଲ ନିଆଁ ଜୈବ ବିବିଧତା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି। ଓଡ଼ିଶାରେ ଚଳିତ ବର୍ଷ (୨୦୨୬) ମଧ୍ୟ ଜଙ୍ଗଲ ନିଆଁ ଏକ ଗମ୍ଭୀର ଚିନ୍ତାର ବିଷୟ ହୋଇ ରହିଛି। ୨୦୨୬ ଏପ୍ରିଲ୍ ସୁଦ୍ଧା ରାଜ୍ୟରେ ୧୮,୦୦୦ରୁ ଅଧିକ ଜଙ୍ଗଲ ନିଆଁ ଘଟଣା ରେକର୍ଡ କରାଯାଇଥିଲା। ବିଶେଷକରି କନ୍ଧମାଳର ବାଲିଗୁଡ଼ା ଏବଂ କଳାହାଣ୍ଡି ନର୍ଥ ଡିଭିଜନ୍ ପ୍ରମୁଖ ହଟସ୍ପଟ୍ ଭାବେ ଚିହ୍ନଟ ହୋଇଥିଲେ। ଓଡ଼ିଶା ବନ ବିଭାଗର ତଥ୍ୟ ଅନୁସାରେ, ୨୦୨୫ ମସିହାରେ ୨୯,୭୦୯ଟି ଜଙ୍ଗଲ ନିଆଁ ଘଟଣା ଘଟିଥିଲା ଏବଂ ପ୍ରାୟ ୪,୬୦୯ ହେକ୍ଟର ଜଙ୍ଗଲ ଅଞ୍ଚଳ ପ୍ରଭାବିତ ହୋଇଥିଲା।ରାଜ୍ୟରେ ୨୦୧୬ ରୁ ୨୦୨୫ ମଧ୍ୟରେ ପ୍ରାୟ ୯୪,୫୭୧ ହେକ୍ଟର ଜଙ୍ଗଲ ଅଞ୍ଚଳ ବନାଗ୍ନି ଦ୍ୱାରା ପ୍ରଭାବିତ ହୋଇଛି ଏବଂ ଏହି ସମୟ ମଧ୍ୟରେ ୨.୭୭ ଲକ୍ଷରୁ ଅଧିକ ଅଗ୍ନି ଘଟଣା ରେକର୍ଡ ହୋଇଛି। କନ୍ଧମାଳର ବାଲିଗୁଡ଼ାଠାରୁ ସିମିଳିପାଳ ପର୍ଯ୍ୟନ୍ତ, ଓଡ଼ିଶାର ସବୁଜ ଅରଣ୍ୟ ଆଜି ଅଗ୍ନିର ଶିଖାରେ ଛଟପଟ ହେଉଛି। ପ୍ରତ୍ୟେକ ଜଳୁଥିବା ଗଛ ସହିତ ପ୍ରକୃତିର ସନ୍ତୁଳନ ଏବଂ ଆମର ଭବିଷ୍ୟତ ମଧ୍ୟ ଭସ୍ମୀଭୂତ ହେଉଛି। ଶାଳପତ୍ର ସଂଗ୍ରହ, ମହୁଲ ଗୋଟାଇବା ପାଇଁ ଜଙ୍ଗଲରେ ନିଆଁ ଲଗାଇବା, ଅସାବଧାନତା ଏବଂ ଅବୈଧ କାର୍ଯ୍ୟକଳାପ ଏହାର ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ। ଜଙ୍ଗଲ ନିଆଁର କାରଣ ମଧ୍ୟରେ ପ୍ରାକୃତିକ ଓ ମାନବସୃଷ୍ଟ ଉଭୟ କାରକ ରହିଛି। ବଜ୍ରପାତ, ଦୀର୍ଘସ୍ଥାୟୀ ମରୁଡ଼ି, ଅତ୍ୟଧିକ ଉତ୍ତାପ ଏବଂ ପ୍ରବଳ ପବନ ପ୍ରାକୃତିକ କାରଣ ହୋଇଥିବାବେଳେ, ସିଗାରେଟ ଖଣ୍ଡ ଫିଙ୍ଗିବା, କ୍ୟାମ୍ପଫାୟାର, ଶିକାର, ଜମି ସଫା କରିବା ପାଇଁ ନିଆଁ ଲଗାଇବା ଏବଂ ଜାଣିଶୁଣି ଅଗ୍ନି ସଂଯୋଗ କରିବା ମାନବସୃଷ୍ଟ କାରଣ ଅଟେ।ଏହାର ପ୍ରଭାବ ଦୂରଗାମୀ। ଜଙ୍ଗଲ ନିଆଁ ଦ୍ୱାରା ଲକ୍ଷ ଲକ୍ଷ ଗଛ ନଷ୍ଟ ହୋଇଥାଏ, ଜୀବଜନ୍ତୁଙ୍କ ବାସସ୍ଥାନ ଧ୍ୱଂସ ହୁଏ, ମାଟିର ଉର୍ବରତା କମିଯାଏ ଏବଂ ବାୟୁମଣ୍ଡଳରେ ବିପୁଳ ପରିମାଣର କାର୍ବନ ଡାଇଅକ୍ସାଇଡ୍ ନିର୍ଗତ ହୁଏ। ଏହା ଜଳବାୟୁ ପରିବର୍ତ୍ତନକୁ ଆହୁରି ତ୍ୱରାନ୍ୱିତ କରେ। ଧୂଆଁ ଦ୍ୱାରା ବାୟୁ ପ୍ରଦୂଷଣ ବଢ଼ିଥାଏ ଏବଂ ମଣିଷଙ୍କ ଶ୍ୱାସକ୍ରିୟା ସମସ୍ୟା ସୃଷ୍ଟି ହୁଏ।ଏହି ସଙ୍କଟର ସମାଧାନ ପାଇଁ କେବଳ ସରକାରୀ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ; ଜନସଚେତନତା ମଧ୍ୟ ସମାନ ଭାବେ ଆବଶ୍ୟକ। ବନାଞ୍ଚଳରେ ଅଗ୍ନି ନିରୀକ୍ଷଣ ପ୍ରଣାଳୀକୁ ଆଧୁନିକ କରିବା, ଉପଗ୍ରହ ମାଧ୍ୟମରେ ତୁରନ୍ତ ସୂଚନା ସଂଗ୍ରହ, ସ୍ଥାନୀୟ ଲୋକଙ୍କ ସହଭାଗିତା ବୃଦ୍ଧି, ନିୟନ୍ତ୍ରିତ ଅଗ୍ନି ପରିଚାଳନା ଏବଂ କଠୋର ଆଇନ ପ୍ରୟୋଗ ଜରୁରୀ। ସେହି ସହିତ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ବୈଶ୍ୱିକ ସ୍ତରରେ କାର୍ବନ ନିର୍ଗମନ ହ୍ରାସ କରିବା ଆବଶ୍ୟକ। ଜଙ୍ଗଲ କେବଳ ଗଛର ସମାହାର ନୁହେଁ; ଏହା ପୃଥିବୀର ଜୀବନରେଖା। ଯଦି ଆଜି ଆମେ ଜଙ୍ଗଲକୁ ସୁରକ୍ଷା ଦେବାରେ ବିଫଳ ହେବା, ତେବେ ଆସନ୍ତା ପିଢ଼ି ପାଇଁ ଆମେ ଏକ ଉତ୍ତପ୍ତ, ପ୍ରଦୂଷିତ ଏବଂ ବିପଦସଙ୍କୁଳ ପୃଥିବୀ ଛାଡ଼ିଯିବା। ତେଣୁ ଆଜିର ଆହ୍ୱାନ ହେଉଛି— ଜଙ୍ଗଲକୁ ବଞ୍ଚାଅ, ପରିବେଶକୁ ବଞ୍ଚାଅ, ଭବିଷ୍ୟତକୁ ବଞ୍ଚାଅ।

ଶିକ୍ଷୟତ୍ରୀ, ଡି ଏ ଭି ପବ୍ଲିକସ୍କୁଲ, ପୁରୀ ,୭୮୫୪୮୦୨୮୦୫

# ଶ୍ରୀମନ୍ଦିରରେ ସୁନା କୂଅ



ଅଲେଖ ଚନ୍ଦ୍ର ସାମଲ

ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ମାଧ୍ୟମରେ ଶୂନ୍ୟରୂପୀ ଭଗବାନ ଓଁକାର ବା ପ୍ରଣବ ରୂପ ଧାରଣ କରିଅଛନ୍ତି। ଏହି ଚିନ୍ତାଧାରା ବୈଦିକ ଦର୍ଶନ ଉପରେ ପ୍ରତିଷ୍ଠିତ। ଉପନିଷଦର ପରମାତ୍ମା ଭଗବାନଙ୍କର ଯେଉଁ ରୂପ ବର୍ଣ୍ଣିତ ହୋଇଛି ତାହା ଶ୍ରୀଜଗନ୍ନାଥଙ୍କର କଳେବରରେ ପ୍ରତିଫଳିତ। ଉପନିଷଦରେ କୁହାଯାଇଛି, ପରମ ପୁରୁଷ ବା ପରଂବ୍ରହ୍ମ ଚକ୍ଷୁ, ନାସା, କର୍ଣ୍ଣ, ପଦ ବିନା ସମସ୍ତ ବିଷୟ ଦର୍ଶନ କରିପାରନ୍ତି, ଶ୍ରବଣ କରିପାରନ୍ତି, ଗ୍ରହଣ କରିପାରନ୍ତି ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିଚରଣ କରିପାରନ୍ତି। ବିଶ୍ୱର ସବୁଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଏହି ସଂସ୍କୃତିରେ ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ। ବିଭିନ୍ନ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେବା ପାଇଁ ସର୍ବଦା ବ୍ୟାକୁଳ ପ୍ରୟାସ କରିଅଛନ୍ତି। ଶ୍ରୀଜଗନ୍ନାଥ ସର୍ବଧର୍ମମତାଶ୍ରୟୀଙ୍କର ଏକ ମିଳନ ତୀର୍ଥ ଯାହାକି ଧର୍ମଯାଜକ, ପରିବ୍ରାଜକ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ ତଥା ମହାମନିଷୀମାନଙ୍କୁ ଯୁଗେ ଯୁଗେ ଆକୃଷ୍ଟ କରିବାରେ ସମର୍ଥ। ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ। ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମ ଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକ ବିଶ୍ୱାସ ଅଛି। ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ୍ୟ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଶୋକ ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜ୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମସ୍ୱରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷ୍ୟରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖୁଛି – 'ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ଡାକେ ଭକତ। ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି।'ମହାପ୍ରଭୁଙ୍କ ମାନବୀୟଲୀଳା ସ୍ନାନଯାତ୍ରା ସଂଦର୍ଶନ କରିବେ ଭକ୍ତ। ଭକ୍ତଙ୍କ ସମ୍ମୁଖରେ ୧୦୮ କୁମ୍ଭ ସୁବାସିତ ଜଳରେ ସ୍ନାନ କରି ହାତୀ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ବିଗ୍ରହ। ସ୍ନାନ ପାଇଁ ସୁନା କୂଅରୁ ଆସିବ ପବିତ୍ର ଜଳ। ସୁନା କୂଅର ଅବତାରଣା ଯୋଗୁଁ ମନରେ ପ୍ରଶ୍ନ ଆସେ, ଏହି କୂଅ କ'ଣ ସତରେର ସୁନାରେ ତିଆରି ? କୂଆ ଭିତରେ ସୁନା ଅଛି କି ? ଏହାର ଉତ୍ତର ହେଉଛି ନା'। ସୁନା କୂଅ ଭାବେ ବିଦିତ ଏହି କୂଅ ସୁନାରେ ନିର୍ମିତ ନୁହେଁ, କିନ୍ତୁ ଶାସ୍ତ୍ରୀୟ ମତରେ ସୁନାଠୁ ବି ଅମୂଲ୍ୟ ମୂଲ। ଯେଉଁ କୂଅର ଜଳରେ ସ୍ୱୟଂ ଜଗତର ନାଥ ସ୍ନାନ କରିବାକୁ ଅପେକ୍ଷା କରନ୍ତି, ତାହାର ମୂଲ୍ୟାୟନ କିଏ ବା କରିବ ? ଶ୍ରୀମନ୍ଦିର ବେଢ଼ା ଭିତରେ ହିଁ ଏହି ସୁନା କୂଅ ରହିଛି। ଶ୍ରୀମନ୍ଦିର ସ୍ୱତ୍ୱ ଲିପି ଅନୁଯାୟୀ ଉତ୍ତର ଦ୍ୱାର ପାର୍ଶ୍ୱରେ ମା'ଶୀଳା ଠାକୁରାଣୀଙ୍କ ସମ୍ମୁଖ ଭାଗ ପ୍ଲଟ ନମ୍ବର ୩୫୫ ଓ ୨୮୪ରେ ଏହି କୂଅଟି ରହିଛି। କୂଅର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଶୀତଳା। କିମ୍ବଦନ୍ତୀ ଅଛି, ମା' ପାତାଳରୁ ଆବିର୍ଭୁତା। ପ୍ରବାଦ ଅଛି ଯେତେବେଳେ କଳିଯୁଗ ଶେଷ ହୋଇଯିବ, ସେତେବେଳେ ପାତାଳରୁ ମା'ପୂର୍ଣ୍ଣ ରୂପେ ଆବିର୍ଭୂତ ହେବେ। ଏହି କୂଅ କିଏ ଖୋଳାଇଥିଲେ ସେ ସମ୍ବନ୍ଧରେ କୌଣସି ଐତିହାସିକ ତଥ୍ୟ କିମ୍ବା ଆଲେଖ୍ୟ ନାହିଁ। ମାତ୍ର ଏହା ବହୁ ପ୍ରାଚୀନ ସମୟରୁ ଶ୍ରୀମନ୍ଦିର ବେଢ଼ା ଭିତରେ ରହିଛି। ବିଶ୍ୱାସ ରହିଛି, ଯେତେବେଳେ ଚତୁର୍ଦ୍ଧା ବିଗ୍ରହଙ୍କ ପାଇଁ ଏହି କୂଅର ଜଳ ନିଆଯାଏ ସେତେବେଳେ ସେଇ କୂଅରେ ଭାରତର ସମସ୍ତ ତୀର୍ଥ ଜଳର ସମାଗମ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ମହାପ୍ରଭୁଙ୍କ ପାଇଁ ସୁନାକୂଅରୁ ମୋଟ ୧୦୮ କୁମ୍ଭ ଜଳ ସଂଗ୍ରହ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ୩୫କୁମ୍ଭ, ଶ୍ରୀବଳଭଦ୍ରଙ୍କ ପାଇଁ ୩୩, ଦେବୀ ସୁଭଦ୍ରାଙ୍କ ପାଇଁ ୨୨ କୁମ୍ଭ ଏବଂ ଚକ୍ରରାଜ ସୁଦର୍ଶନଙ୍କ ପାଇଁ ୧୮ କୁମ୍ଭ ଜଳ ପୃଥକ ଭାବେ ସଂଗ୍ରହ କରାଯାଏ। ଚନ୍ଦନ, କର୍ପୂର, କେଶରାଦି ମିଶାଯାଏ। ନୂଆ ବସ୍ତ୍ର ଓ ନଡ଼ିଆ ଆଦି ସଂସ୍ଥାପନ ପୂର୍ବକ ଅଧିବାସିତ କରାଯାଏ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୬୧୨୩

# ବାରମ୍ବାର ଗୁହାରି ସତ୍ତ୍ୱେ ଭୂମିହୀନ ହେମାଙ୍ଗିନୀ ନିରାଶ



**ଆଠମଲ୍ଲିକ,୧୬।୬:** ଆଠମଲ୍ଲିକ ଏନ ଏ ସି ର ଭୋଟର ହେମାଙ୍ଗିନୀ ମହାପାତ୍ର ଓ ତାଙ୍କ ପୁତ୍ର ରଞ୍ଜିତ ମହାପାତ୍ର ଭୂମିହୀନ ହୋଇଥିବା ବେଳେ ଆବାସ ଯୋଜନା ରୁ ବଞ୍ଚିତ ହୋଇ ଦୀର୍ଘ କୋଡିଏ ବର୍ଷ ରୁ ଉର୍ଦ୍ଧ୍ୱ ହେଲା ବାର ଦୁଆର ଶୁଣ୍ଢୀ ପିଣ୍ଡା ହେଉଥିବାର ଦେଖା ଯାଉଛି। ପ୍ରଶାସନ ନିକଟରେ ବହୁ ବାର ଆବେଦନ କରି କାକୁତି ମିନତୀ ହୋଇ ଗୁହାରି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କୁ ଘର ଡିହ ଯୋଗେଇ ଦିଆ ଯାଇ ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ସରକାର ଙ୍କ ତରଫରୁ ରାସନ କାର୍ଡ ରେ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ ମଧ ଘର ଅଭାବ ରୁ ବିବାହ ଯୋଗ୍ୟ ପୁତ୍ରକୁ ବିବାହ କରି ନପାରି ଭଡ଼ା ଘରେ ରହୁଥିବାର ଦେଖାଯାଇଛି । ରାଜ୍ୟ ସରକାରଙ୍କ ର ଜାଗା ମିଶନ ରେ ଅନେକ ହିତାଧିକାରୀ ଙ୍କୁ ପ୍ରଶାସନ ଭୂମି ପଟା ବଣ୍ଟନ କରିଥିଲେ ମଧ ହେମାଙ୍ଗିନୀ କିପରି ଭାବରେ ପ୍ରଶାସନିକ ଦୃଷ୍ଟି ଆଢୁଆଳ ରେ ରହିଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଦୀର୍ଘ କୋଡିଏ ବର୍ଷ ହେଲା ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ଙ୍କୁ ବାରମ୍ବାର ଗୁହାରି କରୁଥିଲେ ମଧ ଫଳ ଘର ଶୂନ ହୋଇ ଥିବାରୁ ସେ ଦୁଃଖ ର ସହିତଅନ୍ୟ ଉପାୟ ନ ପାଇ ଗଣ ମାଧମ ପ୍ରତିନିଧି ଙ୍କ ମାଧମ ରେ ପ୍ରଶାସନ କୁ ଗୁହାରି କରିଥିବା ପ୍ରକାଶ କରିଛନ୍ତି । ସରକାର ଙ୍କ ତରଫରୁ ଯୁଦ୍ଧକାଳିନ ଭିତ୍ତି ରେ ଭୂମିହୀନ ହିସାବ ରେ ତାଙ୍କୁ ଘର ଡିହ ଯୋଗାଇ ଦିଆ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଗୃହ ଯୋଗାଇ ଦେଲେ ତାଙ୍କର ବୃଦ୍ଧା ବସ୍ଥା ରେ ବେକାର ପୁଅ କୁ ନେଇ ଶେଷ ଜୀବନ ଶାନ୍ତି ରେ ବଞ୍ଚିବି ବୋଲି ପ୍ରକାଶ କରିଛନ୍ତି ।

## ଓଡ଼ିଶାରେ ବିକାଶର ଦୁଇ ବର୍ଷ

# ସରକାରଙ୍କ ସଫଳତା ଉପସ୍ଥାପନ କଲେ ପ୍ରଭାତୀ ପରିଡ଼ା




**ବାଲେଶ୍ୱର,୧୬।୬:** ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ସୋମବାର ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୃହତ୍ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା, ବିକାଶମୂଳକ ପଦକ୍ଷେପ ଏବଂ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମିଳନୀରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ଓ ଜିଲ୍ଲା ଯୋଜନା କମିଟି ଅଧକ୍ଷ ପଦ୍ମଲୋଚନ ପଣ୍ଡା, ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ବିଜେପିର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ବିଜେପି ସରକାରର ଦୁଇ ବର୍ଷର ଶାସନକାଳ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଐତିହାସିକ ଅଧ୍ୟାୟ ରଚନା କରିଛି। ମହିଳା ସଶକ୍ତିକରଣ, ଗରିବ କଲ୍ୟାଣ ଓ ସାମାଜିକ ସୁରକ୍ଷାକୁ ସରକାର ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ବିଶେଷକରି ମିଶନ ଶକ୍ତି ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ହଜାର ହଜାର ମହିଳା ସ୍ୱାବଲମ୍ବୀ ହେବାର ସୁଯୋଗ ପାଇଥିବା ଉଲ୍ଲେଖ କରିଥିଲେ। ସେ ବାଲେଶ୍ୱର ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ଭିତ୍ତିଭୂମି ସୁଦୃଢ଼ୀକରଣ ଓ ଜନସେବାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ ବିସ୍ତୃତ ସୂଚନା ଦେଇଥିଲେ। କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ସମ୍ପର୍କରେ ମତ ରଖି ଉପ-ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ବିଶ୍ୱ ମଞ୍ଚରେ ଏକ ସଶକ୍ତ ରାଷ୍ଟ୍ର ଭାବେ ନିଜର ପରିଚୟ ସୃଷ୍ଟି କରିଛି। ଗରିବ କଲ୍ୟାଣ, ଡିଜିଟାଲ୍ ରୂପାନ୍ତରଣ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ହୋଇଥିବା ଅଭୂତପୂର୍ବ ପ୍ରଗତିର ଲାଭ ଓଡ଼ିଶା ମଧ ପାଉଛି ବୋଲି ସେ କହିଥିଲେ। ସାମ୍ବାଦିକ ସମ୍ମିଳନୀ ପରେ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏଥିରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା, ମଧୁବାବୁ ପେନ୍ ?ସନ୍ ଯୋଜନା, ପ୍ରଧାନମନ୍ତ୍ରୀ ବୟ ବନ୍ଦନା ଯୋଜନା, ଆୟୁଷ୍ମାନ ଭାରତ-ପିଏମ୍ ?ଜେଏୱାଇ, ଲକ୍ଷପତି ଦିଦି ସାର୍ଟିଫିକେଟ୍ ଓ ରାସନ୍ କାର୍ଡ ପ୍ରଦାନ ଅନ୍ତର୍ଭୁକ୍ତ ଥିଲା। ଏହି ସମସ୍ତ ଯୋଜନା ମାଧ୍ୟମରେ ଜିଲ୍ଲାର ହଜାର ହଜାର ପରିବାର ଉପକୃତ ହୋଇଥିବା ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଉପ-ମୁଖ୍ୟମନ୍ତ୍ରୀ ସୋସିଆଲ୍ ମିଡ଼ିଆ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା କରିଥିଲେ। ସେ କହିଥିଲେ ଯେ, ବର୍ତ୍ତମାନ ସମୟରେ ସୂଚନା ପ୍ରସାରଣରେ ସୋସିଆଲ୍ ମିଡ଼ିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନହିତକାରୀ ଯୋଜନାର ସଠିକ୍ ସୂଚନା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ।

# ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକ ତାଲିକାରେ ଡ଼. ବିଷ୍ଣୁପଦ ମହାନ୍ତି



**ବାଲେଶ୍ୱର,୧୬।୬:** ବାଲେଶ୍ୱରର ପ୍ରସିଦ୍ଧ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସହକାରୀ ଅଧାପକ ଡ଼. ବିଷ୍ଣୁପଦ ମହାନ୍ତି ବିଶ୍ୱସ୍ତରରେ ନିଜ ଗବେଷଣା କୃତିତ୍ୱ ପାଇଁ ଆଉ ଏକ ସଫଳତା ହାସଲ କରିଛନ୍ତି। SciRank Global Registry ପକ୍ଷରୁ ପ୍ରକାଶିତ "World's Top 5% Scientists–2025" ତାଲିକାରେ ସ୍ଥାନ ପାଇ ସେ ବାଲେଶ୍ୱର ଜିଲ୍ଲା ସହିତ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି।ବିଶ୍ୱର ବିଭିନ୍ନ ଦେଶର ବୈଜ୍ଞାନିକମାନଙ୍କ ଗବେଷଣା ପ୍ରକାଶନ, ଉଦ୍ଧୃତି ସଂଖ୍ୟା (Citations), ଗବେଷଣାର ପ୍ରଭାବ ଏବଂ ସାମଗ୍ରିକ ବୈଜ୍ଞାନିକ ଅବଦାନକୁ ଆଧାର କରି କଠୋର ବିବ୍ଲିଓମେଟ୍ରିକ୍ ବିଶ୍ଳେଷଣ ପରେ ଏହି ତାଲିକା ପ୍ରସ୍ତୁତ କରାଯାଇଥାଏ। ଏଭଳି ଏକ ସମ୍ମାନଜନକ ତାଲିକାରେ ସ୍ଥାନ ପାଇବା ଯେକୌଣସି ଗବେଷକଙ୍କ ପାଇଁ ଏକ ବଡ଼ ସଫଳତା ବୋଲି ମନେ କରାଯାଏ। ଡ଼. ମହାନ୍ତି ନାନୋମାଟେରିଆଲ୍ସ, ଶକ୍ତି ରୂପାନ୍ତରଣ (Energy Conversion), ସୁପରକ୍ୟାପାସିଟର, ଜଳ ବିଭାଜନ (Water Splitting) ଏବଂ ପରିବେଶ ଉପଯୋଗୀ ଉନ୍ନତ ପଦାର୍ଥ ବିକାଶ କ୍ଷେତ୍ରରେ ଦୀର୍ଘଦିନ ଧରି ଉଲ୍ଲେଖନୀୟ ଗବେଷଣା କରିଆସୁଛନ୍ତି। ତାଙ୍କ ନାମରେ ୩୫ରୁ ଅଧିକ ଆନ୍ତର୍ଜାତୀୟ ଗବେଷଣା ପ୍ରବନ୍ଧ ପ୍ରକାଶିତ ହୋଇଥିବାବେଳେ ସେଗୁଡ଼ିକ ୨,୧୦୦ରୁ ଅଧିକ ଥର ଉଦ୍ଧୃତ ହୋଇଛି। ତାଙ୍କର h-index 20 ରହିଥିବା ସହ ଗବେଷଣା କ୍ଷେତ୍ରରେ ଏକ ପେଟେଣ୍ଟ ମଧ ରହିଛି। ଶିକ୍ଷାଦାନ ଓ ଗବେଷଣାକୁ ସମାନ ଗୁରୁତ୍ୱ ଦେଇ ଡ଼. ମହାନ୍ତି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ବିଭିନ୍ନ ଉଚ୍ଚମାନର ଆନ୍ତର୍ଜାତୀୟ ବୈଜ୍ଞାନିକ ଜର୍ଣ୍ଣାଲର ସମୀକ୍ଷକ (Reviewer) ଭାବେ କାର୍ଯ୍ୟ କରୁଥିବା ସହ ଯୁବ ଗବେଷକମାନଙ୍କୁ ଗବେଷଣା ପ୍ରତି ଉତ୍ସାହିତ କରିବାରେ ମଧ ସକ୍ରିୟ ଭୂମିକା ନେଉଛନ୍ତି। ଡ଼. ବିଷ୍ଣୁପଦ ମହାନ୍ତିଙ୍କ ଏହି ଉଲ୍ଲେଖନୀୟ ସଫଳତା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର ଜିଲ୍ଲା ଏବଂ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି। ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ଶିକ୍ଷାବିତ, ଗବେଷକ, ସହକର୍ମୀ ଓ ଛାତ୍ରଛାତ୍ରୀମାନେ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରମିଳା କିଡ୍ସ ସ୍କୁଲରେ ଆଡ଼ମ୍ବରପୂର୍ଣ୍ଣ ରଜ ମହୋତ୍ସବ

# ଉନ୍ମୋଚିତ ହେଲା 'ଜହ୍ନ ଓ ଆମେ'



**ଜଗତସିଂହପୁର,୧୬।୬:** ଜଗତସିଂହପୁର ଜିଲ୍ଲା ଖଇରଙ୍ଗ ପଞ୍ଚାୟତ ଅନ୍ତର୍ଗତ ପୁରୁଣାଗଡ଼ସ୍ଥିତ ପ୍ରମିଳା କିଡ୍ସ ସ୍କୁଲରେ ରଜ ମହୋତ୍ସବ ମହାସମାରୋହରେ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ଡଃ ସୁଶାନ୍ତ ଦାସଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷା, ସାହିତ୍ୟ ଓ ସାମାଜିକ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗଦେଇ ଉତ୍ସବକୁ ଆହୁରି ଗୌରବମୟ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ ଶିଶିର ପରିଜା, ବିଶିଷ୍ଟ ସମାଜସେବୀ ଦୀନବନ୍ଧୁ ଦାସ, ଆଇନଜୀବୀ ଶିବଚରଣ ମାଝି, ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ରାଉତରାୟ, ପୂର୍ବତନ ଜଗତସିଂହପୁର ପୌରାଧକ୍ଷ ବିପ୍ଳବ ଚୌଧୁରୀ, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ଘନଶ୍ୟାମ କାନୁନଗୋ ଓ ପ୍ରଭାକର ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଜ ପର୍ବର ସାଂସ୍କୃତିକ ଓ ପାରମ୍ପରିକ ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ସେହିପରି ସ୍ଥାନୀୟ ୧୪ଟି ପଞ୍ଚାୟତରୁ ଆସିଥିବା କିଶୋରୀ ପ୍ରତିଭାମାନେ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଅଂଶଗ୍ରହଣକାରୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ତିନିଜଣ ଶ୍ରେଷ୍ଠ ପ୍ରତିଭାଙ୍କୁ 'ରଜ କୁଇନ' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡଃ ସୁଶାନ୍ତ ଦାସଙ୍କ ରଚିତ ପୁସ୍ତକ 'ଜହ୍ନ ଓ ଆମେ' ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀ ଦୀନବନ୍ଧୁ ଦାସଙ୍କୁ ମଧ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରତିମା ମହାନ୍ତି, ପାର୍ବତୀ ପାତ୍ର, ଅକ୍ଷୟ ସାହୁ, ଜ୍ୟୋତି ତ୍ରିପାଠୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଝୋଟି, ହୁଳହୁଳି, ରଜପାନ, ଦୋଳିଖେଳ ଓ ନାଚଗୀତର ମନୋରମ ପରିବେଶ ମଧ୍ୟରେ ପାଳିତ ଏହି ରଜ ମହୋତ୍ସବ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ମାହୋଲ ସୃଷ୍ଟି କରିଥିଲା।

# ତିନି ମଦୁଆକୁ ଧରିଲେ ଏସପି

**କନ୍ଧମାଳ,୧୬।୬:** ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଏସପି ରମେନ୍ଦ୍ର ପ୍ରସାଦ (ଆଇପିଏସ ) ପୋଲିସ - ପବ୍ଲିକ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନରେ ଶତାଧିକ ଲୋକ ଭାଗ ନେଇଥିଲେ। ବିଭିନ୍ନ ସମସ୍ୟା ମଧରେ ସହର ରେ ମଦ୍ୟପ ମାନଙ୍କ ଦୌରାତ୍ମ୍ୟ ଲାଗି ରହୁଛି। ବି ଟିମ ପଡିଆରେ, ନଦୀଖଣ୍ଡି ର ନଦୀ ତଡାରେ, ପିଅନ ପଡା, ନୁଆସାହି, ଅରବିନ୍ଦ ନଗର , ବସ ଷ୍ଟାଣ୍ଡ, ବଡ ବନ୍ଧ ହୁଡାରେ, ଜିରିଙ୍ଗ ପଡା ଛକ, ସେଣ୍ଟ୍ରାଲ ସ୍କୁଲ, ଖଲିଆ ବନ୍ଧ, ଫୁଲବାଣୀ ସାହି, କେନ୍ଦୁପଦର ପ୍ରଭୃତି ଅଂଚଳରେ ଚଢ଼ାଉ କରି ପ୍ରଥମ ଦିନରେ ତିନି ମଦୁଆ ଯୁବକଙ୍କୁ ଧରି ଟାଉନ ଥାନାରେ ଦେଇଥିଲେ। ଯୁବକ ଓ ନିୟମିତ ମଦୁଆ ମାନେ ପବ୍ଲିକ ପ୍ଲେସ ରେ ମଦ ପିଇ ଦୁରାତ୍ମ୍ୟ ସୃଷ୍ଟି କରୁଥିଲେ। ପୂର୍ବରୁ ବାଇକ ପେଟ୍ରୋଲିଙ୍ଗ ହେଇ ଆସୁଛି। କିନ୍ତୁ ତାହା ମୁଖ୍ୟ ରାସ୍ତା ଓ ସରକୁଲାର ରୋଡ ରେ ବୁଲୁଥିଲା। ଇଷ୍ଟର ଲିଙ୍କ ରୋଡ଼ ରେ ପେଟ୍ରୋଲିଙ୍ଗ ହେଉ ନଥିଲା! ବରିଷ୍ଠ ନାଗରିକ ଓ ଜନସାଧାରଣ ଙ୍କ ଦାବିକ୍ରମେ କ୍ରମେ ଏସପି ରମେନ୍ଦ୍ର ପ୍ରସାଦ ଏହି ପଦକ୍ଷେପ ନେଇଥିଲେ ସହର ରେ ରହୁଥିବା ଲୋକ ଆଶ୍ୱସ୍ତି ଅନୁଭବ କରି ଛନ୍ତି ଓ ଏସପିଙ୍କୁ ଧନ୍ୟବାଦ ଦେଇଛନ୍ତି।

# ବଡମ୍ବା ନରସିଂହପୁରର ନୂତନ ଓଏଏସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ ଏଡ଼ିଜି ସଞ୍ଜୀବ ପଣ୍ଡା



**ଭୁବନେଶ୍ୱର, ୧୬।୬:** ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା (OAS ) ପାଇଥିବା ବଡମ୍ବା-ନରସିଂହପୁର ବ୍ଲକର ତଂଇଙ ମାନଙ୍କୁ ଓଡିଶା ଆଣ୍ଟି ନକ୍ସଲ ଅପରେସନ ର ମୁଖ୍ୟ ତଥା ଅତିରିକ୍ତ ଡ଼ିଜି ସଞ୍ଜୀବ ପଣ୍ଡା ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଓଡିଶା ପ୍ରଶାସନିକ ସେବାରେ ୮୯ ସ୍ଥବଭଳ ରେ କୃତକାର୍ଯ୍ୟ ହୋଇଥିବା ନରସିଂହପୁର ବ୍ଲକ ଅନ୍ତର୍ଗତ କାକୁଡ଼ିଆ ଗ୍ରାମର ରାଜା ସାହୁ, ୬୪ ଜବଭଳ ପାଇଥିବା ନରସିଂହପୁର ପାର୍ବତୀପୁର ଗ୍ରାମର କୋମଲ ଶତପଥୀ, ୨୧ Rank ପାଇଥିବା ବଡମ୍ବା ଦଶରଥୀପୁର ଗ୍ରାମର ଶୋଭେସ୍ ପାଣିଗ୍ରାହୀ ଙ୍କୁ ଅତିରିକ୍ତ ଡ଼ିଜି ସଞ୍ଜୀବ ପଣ୍ଡା ଭୁବନେଶ୍ୱର ଆଣ୍ଟି ନକ୍ସଲ କାର୍ଯ୍ୟାଳୟ ଠାରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ପ୍ରଶାସନିକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ କୁ ବିଜୟ କୁମାର ପଣ୍ଡା ସଂଯୋଜନା କରିଥିଲେ।

# କଳା ଓ ସ୍ନାତକରେ ଟପ୍ପର ହେଲେ ଡ଼ି. ଆକ୍ସା



**କୋରାପୁଟ,୧୬।୬:** ଜ଼ିଲ୍ଲା ଜୟପୁର ଠାରେ ଅବସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ରେ ମୁଖ୍ୟତ ଅବିଭକ୍ତ କୋରାପୁଟ ଜ଼ିଲ୍ଲା ର ଛାତ୍ରଛାତ୍ରୀ ମାନେ ଅଧୟନ କରିଥାନ୍ତି। ମାଲକାନଗିରି,ରାୟଗଡା ଏବଂ କୋରାପୁଟ ଜ଼ିଲ୍ଲାର ଛାତ୍ରଛାତ୍ରୀ ମାନଙ୍କୁ ପଛରେ ପକାଇ ନବରଙ୍ଗପୁର ଜ଼ିଲ୍ଲା ନନ୍ଦାହାଣ୍ଡି ବ୍ଲକ ତୁରୁଞ୍ଜି ଗ୍ରାମର ସୁକାନ୍ଦ୍ର ଡ଼ଙ୍ଗରି ଏବଂ କେଥେରୀନା ଆଶା ଙ୍କ ଗୋଟିଏ ମାତ୍ର ଝିଅ ଡ଼ି. ଆକସା ୯୧.୬% ଶତକଡା ମାର୍କ ରଖି ଅବିଭକ୍ତ କୋରାପୁଟ ଜ଼ିଲ୍ଲା ପାଇଁ କଳା ଏବଂ ସ୍ନାତକ ରେ (ଆଣ୍ଟ୍ରୋପଲୋଜି ) ପ୍ରଥମସ୍ଥାନ ଅଧିକାର କରିଛନ୍ତି ସ୍ୱର୍ଗତ ଉଦୟ ନନ୍ଦ ଆଶାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଶିକ୍ଷାକୁ ଗୁରୁତ୍ୱ ଦେଇ କଠିଣ ପରିଶ୍ରମ କରିଥିବା କହିଛନ୍ତି, ଏହି ସଫଳତା ପଛରେ ପ୍ରଭୁଙ୍କୁ ଧନ୍ୟବାଦ ଦେବା ସହ ସମସ୍ତ ଅଧାପକ, ଅଧାପିକା ଏବଂ ମାତା ପିତାଙ୍କୁ ବିଶେଷ ଭୂମିକାରେ ରହିଥିବା ସୂଚନା। ଆଗାମୀ ଦିନରେ ଆହୁରି ପରିଶ୍ରମ କରି ଭବିଷ୍ୟତରେ ଜ଼ିଲ୍ଲାପାଳ ହେବା ନିମନ୍ତେ ଚେଷ୍ଟା ଜାରି ରହିବ ବୋଲି ମତ ରଖିଛନ୍ତି।

# ରଜର ଉତ୍ସବମୁଖର ପରିବେଶରେ ଝଲସିଲା ବୋରିକ ଯାତ୍ରା ପଡ଼ିଆ

## ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀଙ୍କ ଉପସ୍ଥିତିରେ କଳା, ସଂସ୍କୃତି ଓ ସମାଜସେବାର ହେଲା ମହାମିଳନ



**ଫୁଲନଖରା,୧୬।୬:** ଓଡ଼ିଆଙ୍କ ପାରମ୍ପରିକ ଗଣପର୍ବ ରଜକୁ ଆହୁରି ସ୍ମରଣୀୟ ଏବଂ ସାଂସ୍କୃତିକ ରୂପ ଦେବା ଉଦ୍ଦେଶ୍ୟରେ ବୋରିକ ଯାତ୍ରା ପଡ଼ିଆ କୋରକରା ଠାରେ ବୋରିକ ଉନ୍ନୟନ ପରିଷଦ ଓ ବିଚିତ୍ର ଦୁନିଆ ମିଡିଆ ଆଣ୍ଡ ପବ୍ଲିକେସନ୍ସ ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବ-୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଗ୍ରାମବାସୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାଂସ୍କୃତିକ ପ୍ରେମୀଙ୍କ ବିପୁଳ ସମାଗମ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଜ ପର୍ବ ଓ ଓଡ଼ିଆ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜର ଉନ୍ନତି ସହ ପରିବେଶ ସୁରକ୍ଷାର ଆବଶ୍ୟକତା ଉପରେ ମତ ରଖି ସେ ବୃକ୍ଷରୋପଣ ଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭ ସକାଳ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥିଲା। ଅତିଥି ଓ ଆୟୋଜକମାନେ ମିଳିତ ଭାବେ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ପରବର୍ତ୍ତୀ ସମୟରେ ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଥିଲା, ଯେଉଁଥିରେ କୁନି କୁନି ଶିଶୁ କଳାକାରମାନେ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିନେଇଥିଲେ। ଏହି ମହୋତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତୁ ରାଉତ, ସିନେ କଳାକାର ମିଟୁ ମିଥୁନ, ସାମାଜିକ କର୍ମୀ ଶ୍ରୀକୁମାର ଜେନା, ବରିଷ୍ଠ ଆଇନଜୀବୀ ରଶ୍ମୀ ରଞ୍ଜନ ଶତପଥୀ ଏବଂ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଜ ମହୋତ୍ସବର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିଚିତ୍ର ଦୁନିଆ ମିଡିଆ ଆଣ୍ଡ ପବ୍ଲିକେସନ୍ସ ଅଧ୍ୟକ୍ଷ ପ୍ରଣବ କୁମାର ବିଶ୍ୱାଳ ଏବଂ ବୋରିକ ଉନ୍ନୟନ ପରିଷଦର କର୍ମକର୍ତ୍ତା ଆଲୋକ ସ୍ୱାଇଁ, ସବ୍ୟସାଚୀ ବିଶ୍ୱାଳ, ଅଜୟ ବିଶ୍ୱାଳ, ଅରବିନ୍ଦ ସ୍ୱାଇଁ, ବିଶ୍ୱନାଥ ମଲ୍ଲିକ, ଅତିଥି ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ସମସ୍ତ ଅତିଥି ଓ ବରିଷ୍ଠ ସାମ୍ବାଦିକମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ପରିବେଷଣ କରିଥିବା କୁନି କୁନି ଶିଶୁ କଳାକାରମାନଙ୍କୁ ମଧ ସାର୍ଟିଫିକେଟ୍ ପ୍ରଦାନ କରି ସେମାନଙ୍କ ପ୍ରତିଭାକୁ ଉତ୍ସାହିତ କରାଯାଇଥିଲା। ବିଶେଷ କରି ବୋରିକ ଅଞ୍ଚଳର ବିକାଶ ଓ ସମାଜସେବା ମୂଳକ କାର୍ଯ୍ୟକ୍ରମକୁ ସଫଳ ରୂପ ଦେବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ଆଲୋକ ସ୍ୱାଇଁଙ୍କୁ "ରଜ ମହୋତ୍ସବ ଗୌରବ ସମ୍ମାନ–୨୦୨୬" ପ୍ରଦାନ କରାଯାଇଥିଲା। ତାଙ୍କର ସାମାଜିକ କାର୍ଯ୍ୟ, ନେତୃତ୍ୱ ଓ ନିଷ୍ଠାକୁ ଉପସ୍ଥିତ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ରଜ ପର୍ବର ପାରମ୍ପରିକ ମାହାତ୍ମ୍ୟ, ସାମାଜିକ ସଚେତନତା ଏବଂ ସାଂସ୍କୃତିକ ଏକତାର ଏକ ଅନନ୍ୟ ନିଦର୍ଶନ ସୃଷ୍ଟି କରିଥିଲା। ବୋରିକ ଅଞ୍ଚଳର ଜନସାଧାରଣଙ୍କ ସହଯୋଗ ଓ ଉତ୍ସାହ ଯୋଗୁଁ ରଜ ମହୋତ୍ସବ-୨୦୨୬ ସଫଳତାର ସହ ଉଦ୍ୟାପିତ ହୋଇଥିଲା।

# ପ୍ରକୃତି କୋଳରେ ଜମିଲା 'ଆରଣ୍ୟକ' ଗଳ୍ପ ଆସର



**କୋରାପୁଟ,୧୬।୬:** ରଜପର୍ବର ଦ୍ୱିତୀୟ ଦିବସ ଅବସରରେ କୋରାପୁଟ ଜିଲ୍ଲାର ବାଗ୍ରା ନିକଟସ୍ଥ ପାଇନ ବଣରେ ନିଆରା ଢଙ୍ଗରେ ଆୟୋଜିତ ହୋଇଛି 'ଆରଣ୍ୟକ' ଗଳ୍ପ ଆସର। ପ୍ରକୃତିର ନିବିଡ଼ ପରିବେଶ ମଧ୍ୟରେ ଆୟୋଜିତ ଏହି ସାହିତ୍ୟିକ ସମାବେଶରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଗାଳ୍ପିକ ଓ ଗାଳ୍ପିକାମାନେ ଯୋଗଦେଇ ନିଜ ନିଜ ସୃଜନଶୀଳ ଗଳ୍ପ ଉପସ୍ଥାପନ କରିଥିଲେ। ଝାଉଁ ବଣର ଶୀତଳ ଛାୟା ଓ ପକ୍ଷୀମାନଙ୍କ କାକଳୀ ମଧ୍ୟରେ ଗଳ୍ପ ପାଠର ଏହି ଅଭିନବ ଆୟୋଜନ ସମସ୍ତଙ୍କୁ ମୁଗ୍ଧ କରିଥିଲା। ଜଙ୍ଗଲର ପ୍ରାକୃତିକ ପରିବେଶ ଗଳ୍ପଗୁଡ଼ିକୁ ଅଧିକ ଜୀବନ୍ତ କରିଦେଇଥିବା ବେଳେ ଉପସ୍ଥିତ ସାହିତ୍ୟପ୍ରେମୀମାନେ ଏକ ଭିନ୍ନ ଅନୁଭୂତି ଲାଭ କରିଥିଲେ। ବରଗଡ଼ ଜିଲ୍ଲାର ପାଇକମାଳର ବିଜୟ ପ୍ରଧାନ ଆବାହକ ଭାବେ ଦାୟିତ୍ୱ ନିଭାଇଥିବା ବେଳେ ରୁଦ୍ର ପ୍ରସନ୍ନ ବିଶ୍ୱାଳ ଆୟୋଜକ ଏବଂ ମୀନା ସ୍ୱାଇଁ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ବିଜୟଲକ୍ଷ୍ମୀ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ପୁଷ୍ପାଲତା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ସଚ୍ଚିଦାନନ୍ଦ ପ୍ରଧାନ, ପ୍ରଦେଶୀ ବାରିକ, ସାବିତ୍ରୀ ପୁରୋହିତ, ପ୍ରୀତିନନ୍ଦା ପାଣିଗ୍ରାହୀ, ସୁନୀତି ଦେବତା, ପୁଷ୍ପା ନାରାୟଣ ଓ ଆଭା ଆର୍ଯ୍ୟାଙ୍କ ସମେତ ବିଭିନ୍ନ ଅଞ୍ଚଳର ସାହିତ୍ୟିକମାନେ ଯୋଗଦେଇ ଗଳ୍ପ ପାଠ କରିଥିଲେ। ସେହିପରି କୋରାପୁଟର ସ୍ଥାନୀୟ ଗାଳ୍ପିକମାନେ ମଧ ନିଜ ରଚନା ମାଧ୍ୟମରେ ଆସରକୁ ସମୃଦ୍ଧ କରିଥିଲେ। ପରିବେଷିତ ଗଳ୍ପଗୁଡ଼ିକରେ ସାମାଜିକ ସଚେତନତା, ମାନବିକ ମୂଲ୍ୟବୋଧ, ଗ୍ରାମୀଣ ଜୀବନ ଓ ସମକାଳୀନ ସମସ୍ୟାର ପ୍ରତିଫଳନ ଦେଖିବାକୁ ମିଳିଥିଲା। ବିଭିନ୍ନ ଜିଲ୍ଲାରୁ ଆସିଥିବା ସାହିତ୍ୟିକମାନେ କୋରାପୁଟର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସ୍ଥାନୀୟ ଆତିଥ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଆସରର ଅନ୍ୟତମ ଆକର୍ଷଣ ଥିଲା କୋରାପୁଟର ପାରମ୍ପରିକ ଖାଦ୍ୟ। ମାଣ୍ଡିଆ ସୁପ, କଫି ଓ ସ୍ଥାନୀୟ ବ୍ୟଞ୍ଜନ ଅତିଥିମାନଙ୍କ ମନ ଜିଣିନେଇଥିଲା। ସାହିତ୍ୟ, ସଂସ୍କୃତି ଓ ପ୍ରକୃତିର ଅନନ୍ୟ ସମନ୍ୱୟ ଭାବେ 'ଆରଣ୍ୟକ' ଗଳ୍ପ ଆସର ସମସ୍ତଙ୍କ ମନରେ ସ୍ମରଣୀୟ ହୋଇ ରହିଥିଲା।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୭ ଜୁନ୍ ୨୦୨୬

### ଗ୍ରାମବାସୀଙ୍କ ସ୍ୱରକୁ ଚାପିବା ପାଇଁ ପ୍ରଶାସନର ମସୁଧା

# ୨୯ ଏକର ଗ୍ରାମ୍ୟ ଜଙ୍ଗଲ ଜମି କିସମ ପରିବର୍ତ୍ତନକୁ ନେଇ ବଢୁଛି ଅସନ୍ତୋଷ

## ■ ଗ୍ରାମସଭା ପୂର୍ବରୁ ଉଠିଲା ଅନେକ ପ୍ରଶ୍ନ

**ବଣାଇଁ,୧୬।୬:** ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗମଲେଇ ମୌଜାରେ ଆସନ୍ତାକାଲି ହେବାକୁ ଥିବା ଗ୍ରାମସଭାକୁ ନେଇ ସମଗ୍ର ବଣାଇ ଉପଖଣ୍ଡରେ ଚର୍ଚ୍ଚା ଜୋର ଧରିଛି। ଗ୍ରାମ୍ୟ ଜଙ୍ଗଲ କିସମର ପ୍ରାୟ ୨୯ ଏକର ଜମିକୁ 'ଭାସ୍କର ଷ୍ଟିଲ ଏଣ୍ଡ ଫେରୋ ଏଲୟ' ଶିଳ୍ପକୁ ସମ୍ପ୍ରସାରଣ ପାଇଁ କିସମ ପରିବର୍ତ୍ତନ କରାଯିବାର ପ୍ରସ୍ତାବକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି ଯେ, ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ପ୍ରଶାସନ ଏବଂ କିଛି ସରକାରୀ ଅଧିକାରୀ ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଇବାରେ ଅସାଧାରଣ ତତ୍ପରତା ଦେଖାଉଛନ୍ତି। ଉପଜିଲ୍ଲାପାଳ, ବିଡିଓ ଏବଂ ଜିଲ୍ଲାପାଳଙ୍କ ପୂର୍ବ ଚିଠିକୁ ଆଧାର କରି ରଜାମୁଣ୍ଡା ଗ୍ରାମପଞ୍ଚାୟତ ପକ୍ଷରୁ ଗ୍ରାମସଭା ଡକାଯାଇଛି। ତେବେ ଜିଲ୍ଲାପାଳଙ୍କ ୨୦୨୨ ମସିହାର ଚିଠିକୁ ଏତେ ବର୍ଷ ପରେ ହଠାତ୍ କାର୍ଯ୍ୟକାରୀ କରିବା ପଛର କାରଣ କଣ, ତାହାକୁ ନେଇ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଯେଉଁ ଜମିକୁ ଶିଳ୍ପ ପାଇଁ ଚିହ୍ନଟ କରାଯାଇଛି, ସେହି ଅଞ୍ଚଳରେ ଜଙ୍ଗଲ ଓ ପରିବେଶ ବିଭାଗର 'କାମ୍ପା ପାଣ୍ଠି' ଅଧୀନରେ ବ୍ୟାପକ ବୃକ୍ଷରୋପଣ କରାଯାଇଛି।





ପ୍ରାୟ ୩୫ ହେକ୍ଟର ଅଞ୍ଚଳରେ ୫୬ ହଜାରରୁ ଅଧିକ ମୂଲ୍ୟବାନ ଫଳ ଓ ବନଜାତୀୟ ଗଛ ଲଗାଯାଇଥିବା ବେଳେ, ଏହାର ରକ୍ଷଣାବେକ୍ଷଣ ଗମଲେଇ ଜଙ୍ଗଲ ଅଧିକାର କମିଟି ଦ୍ୱାରା କରାଯାଉଛି। ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କ ପରିଶ୍ରମରେ ବଢ଼ିଥିବା ଏହି ସବୁଜ ସମ୍ପଦ ଆଜି ଶିଳ୍ପ ପାଇଁ ବଳି ପଡ଼ିବା ଆଶଙ୍କା ସ୍ଥାନୀୟ ଲୋକଙ୍କୁ ବ୍ୟଥିତ କରିଛି। ଉଲ୍ଲେଖଯୋଗ୍ୟ ଯେ, ୦୬ ଜୁନ୍ ୨୦୨୩ ରେ ଅନୁଷ୍ଠିତ ଗ୍ରାମସଭାରେ ଏହି ଜମିକୁ କୌଣସି ଶିଳ୍ପ ପ୍ରକଳ୍ପକୁ ହସ୍ତାନ୍ତର ନ କରିବାକୁ ଗ୍ରାମବାସୀ ସର୍ବସମ୍ମତିକ୍ରମେ ବିରୋଧ କରିଥିଲେ। ଏହାର ରେକର୍ଡ ଗ୍ରାମପଞ୍ଚାୟତରେ ମଧ୍ୟ ଉପଲବ୍ଧ ଥିବା କଥା ସ୍ଥାନୀୟ ଲୋକ କହୁଛନ୍ତି। ତେବେ ଗ୍ରାମସଭାର ମତାମତକୁ ଅଣଦେଖା କରି ପୁଣିଥରେ ସେହି ପ୍ରସ୍ତାବକୁ ଆଗକୁ ଆଣିବା ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ଏହା ସହ ଗ୍ରାମବାସୀ ଆହୁରି ଅଭିଯୋଗ କରିଛନ୍ତି ଯେ, ଗାଁର ଦୁଇ ଏକରରୁ ଅଧିକ ଶ୍ମଶାନ ଜମି ଜବରଦଖଲ ହୋଇଥିବା ନେଇ ବହୁବାର କାରଖାନା ନାମରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରିନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶାସନର ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସ୍ଥାନୀୟ ପରିବେଶପ୍ରେମୀ ଓ ସାମାଜିକ କର୍ମୀମାନଙ୍କ ମତରେ, ଏହି ଅଞ୍ଚଳ କେବଳ ଜଙ୍ଗଲ ଜମି ନୁହେଁ, ବରଂ ବ୍ରାହ୍ମଣୀ ନଦୀ ଅବବାହିକାର ପରିବେଶ ସନ୍ତୁଳନ ରକ୍ଷା କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଯଦି ଏହାକୁ ଶିଳ୍ପ ପ୍ରକଳ୍ପ ପାଇଁ ବ୍ୟବହାର କରାଯାଏ, ତେବେ ଭବିଷ୍ୟତରେ ପରିବେଶ ଓ ସ୍ଥାନୀୟ ଜୀବନଜୀବିକା ଉପରେ ଗଭୀର ପ୍ରଭାବ ପଡ଼ିପକାଇବା ସହିତ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ର ସମସ୍ତ ଗ୍ରାମ ଗୁଡିକ ଅତ୍ୟଧିକ ପ୍ରଦୂଷଣ ରେ କ୍ଷତି ସହିବ। ଏହି ଗ୍ରାମପଞ୍ଚାୟତ ଚତୁର୍ପାଶ୍ୱରେ ସ୍ପଞ୍ଜ କାରଖାନା ଥିବା ହେତୁ ଏହି ପଞ୍ଚାୟତରେ ସର୍ବାଧିକ କିଡ଼ନୀ, ଯକ୍ଷ୍ମା, ଅପପୃଷ୍ଟି ରୋଗୀ ହୋଇ ଅସମୟରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ବର୍ତ୍ତମାନ ସମସ୍ତଙ୍କ ନଜର ଆସନ୍ତାକାଲିର ଗ୍ରାମସଭା ଉପରେ ରହିଛି। ଗ୍ରାମବାସୀଙ୍କ ମତାମତକୁ ସମ୍ମାନ ଦିଆଯିବ ନା କି ଶିଳ୍ପ ସମ୍ପ୍ରସାରଣକୁ ପ୍ରାଥମିକତା ମିଳିବ, ତାହା ଦେଖିବାକୁ ସମଗ୍ର ଅଞ୍ଚଳ ଅପେକ୍ଷା କରିଛି।

# ରଘୁନାଥ ନଗର ଉନ୍ନୟନ କ୍ଲବର ବାର୍ଷିକ ପ୍ରତିଷ୍ଠା ଦିବସ ଓ ରଜ ମହୋତ୍ସବ



**ଭୁବନେଶ୍ୱର,୧୬।୬:** ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟ ଏବଂ ଓଡ଼ିଆ ଅସ୍ମିତାର ସଂରକ୍ଷଣ ଓ ପ୍ରଚାର-ପ୍ରସାର ସହିତ ବିଶ୍ୱ ଦରବାରରେ ଓଡ଼ିଆ ଭାଷା ଓ ସଂସ୍କୃତିର ଗୌରବକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ରଘୁନାଥ ନଗର ଉନ୍ନୟନ କ୍ଲବ ପକ୍ଷରୁ ୪ର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ ଓ ରଜ ମହୋତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଅଛି । ଏହି ସଭାରେ ମୁଖ୍ୟ ଅତିଥି ମାନ୍ୟବର ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନୀତ ଅତିଥି ଶ୍ରୀମତୀ ରଶ୍ମୀ ମହାପାତ୍ର, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ସଦସ୍ୟା, (ଓଡ଼ିଶା ରାଜ୍ୟ ବିଜେପି) ଶ୍ରୀମତୀ ନିରୁପମା ସାହୁ, ଅଧ୍ୟକ୍ଷା ଭୁବନେଶ୍ୱର ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଯୁକ୍ତ ସୁବାସ କୁମାର ସୁନ୍ଦରରାୟ, ଶିଶୁପାଳ ପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ରଶ୍ମୀ ରଂଜନ ଶ୍ରୀଚନ୍ଦନ, ସମିତି ସଭ୍ୟ ଶ୍ରୀଯୁକ୍ତ ବିନୋଦ କୁମାର ରାଉତରାୟଙ୍କ ସହିତ କ୍ଲବର ସଭାପତି କ୍ୟାପଟେନ ସୁନାକର ମହାପାତ୍ର, ସଂପାଦକ ଡକ୍ଟର କ୍ଷେତ୍ରମୋହନ ମିଶ୍ର, ଉପସଭାପତି ଡ଼ ଜଗଜୀବନ ପତି ଉପସ୍ଥିତ ଥିଲେ । ଏହି ମହୋତ୍ସବ ୨ଦିନ ଧରି ଧୁମଧାମରେ ପାଳିତ ହୋଇଥିଲା । ଓଡିଶାର ପର୍ବ ପର୍ବାଣୀ ମଧ୍ୟରେ ରଜର ଭୁମିକା ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଦୋଳି ଖେଳଠୁ ଆରମ୍ଭ କରି ପିଲାମାନଙ୍କ ପାଇଁ ଡ୍ରଂଇ, କୁଇଜ, ସଂଗୀତ, ନୃତ୍ୟ, ପୁଚିଖେଳ, ମିୟୁଜିକ ଚେୟାର ଓ ମହିଳାମାନେ ମିଶି ରଜ ପିଠାର ପ୍ରତିଯୋଗିତା ଆୟୋଜନ କରିଥିଲେ । ଏହି ପ୍ରତି ଯୋଗିତାରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରତିଯୋଗିମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ଲବର ସଭାପତି କ୍ୟାପଟେନ ସୁନାକର ମହାପାତ୍ର ତାଙ୍କ ଭାଷଣରେ କଲୋନୀବାସୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ, ମାନ୍ୟବର ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ଏହାର ନିରାକରଣ ଦିଗରେ ଶୀଘ୍ର ଏବଂ ସଠିକ ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ । ଏ ଅଂଚଳରେ ବସବାସ କରୁଥିବା ଜନସାଧାରଣ ରାସ୍ତା, ଓ ଡ୍ରେନେଜ, ଷ୍ଟ୍ରିଟ ଲାଇଟ ପାଇଁ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ପିଇବାପାଣି ପାଇଁ ନିଜସ୍ୱ ନଳକୂପ ଖନନ କରି ତା ଉପରେ ଲୋକମାନେ ନିର୍ଭରଶୀଳ। ଖରାଦିନେ ନଳ କୁଅରୁ ଗୋଳିଆ ପାଣି ବାହାରିଲେ ମଧ ସେହି ପାଣିକୁ ବ୍ୟବହାର କରି ଚଳୁଛନ୍ତି। ଗ୍ରାମଜଳ ଯୋଗାଣ ଯୋଜନା ପ୍ରକଳ୍ପରେ, ଶିଶୁପାଳଗଡ ସ୍ଥିତ ରଘୁନାଥ ନଗରକୁ ସାମିଲ କରି, ଘରେ ଘରେ ପିଇବା ପାଣି ପହଂଚାଇବା ନିହାତି ଦରକାର । କଲୋନୀଟି ଭୂବନେଶ୍ୱର ସହରର ଉପକଣ୍ଠରେ ଅବସ୍ଥିତ ଥିଲେ ମଧ୍ୟ ଭୂବନେଶ୍ୱର ମହାନଗର ନିଗମରେ ଅନ୍ତର୍ଭୁକ୍ତ ହୋଇଥିବାରୁ ବର୍ଜ୍ୟବସ୍ତୁର ପରିଚାଳନା କେମିତି ଆଗାମି ଦିନରେ ହୋଇପାରିବ ବିଧାୟକ ବାବୁ ସିଂ ଓ ଶ୍ରୀମତୀ ରଶ୍ମୀ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କଲୋନୀର ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ହୋଇପଡିଛି ବୋଲି ତାଙ୍କ ଭାଷଣରେ ସଭାପତି ମାନ୍ୟବର ବିଧାୟକଙ୍କୁ ଜଣାଇଥିଲେ । ମାନ୍ୟବର ବିଧାୟକ ତାଙ୍କର ଭାଷଣରେ ସମସ୍ତ ଦାବୀକୁ ପୁରଣ କରିବେ ଓ ଶ୍ରୀମତୀ ରଶ୍ମୀ ମହାପାତ ସମସ୍ତ ଉନ୍ନତି ମୂଳକ କାର୍ଯ୍ୟରେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଶେଷରେ ମହିଳାମାନେ ସମସ୍ତ ଅତିଥିଙ୍କୁ ରଜର ପୋଡପିଠା ଖୁଆଇଥିଲେ । ଶେଷରେ ସଂଗଠନର ସଂପାଦକ ଧନ୍ୟବାଦ ଅର୍ପଣ କରିସଭାକାର୍ଯ୍ୟ ଶେଷ କରିଥିଲେ ।

# ଜୀବନ୍ତ ଜଳି ଗଲେ ଦୁଇ ଡ୍ରାଇଭର

## ଟ୍ରେଲର ମୁହାଁମୁହିଁ ଧକ୍କା



**ବଣାଇଁ,୧୬।୬ :** ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନା କଇଁତରା ନିକଟ ୧୦ ନମ୍ବର ରଜ୍ୟ ରାଜପଥ ରେ ଦୁଇ ଟ୍ରେଲର ମୁହାଁ ମୁହିଁ ଧକ୍କା ହେବା ଫଳରେ ହଠାତ୍ ଦୁଇ ଟ୍ରେଲର ରେ ନିଆଁ ଲାଗିଯାଇଥିଲା ଏବଂ ସେଥିରେ ଜୀବନ୍ତ ଜଳି ଯାଇଛନ୍ତି ଦୁଇ ଚାଳକ । ଝାରସୁଗୁଡ଼ା ପଟରୁ ସୁନ୍ଦରଗଡ ଆଡ଼କୁ ଆସୁଥିବା ଟ୍ରେଲର ଟି ଭାରସାମ୍ୟ ହରାଇ ଡିଭାଇଡର ପାର ହୋଇ ସୁନ୍ଦରଗଡ ରୁ ଝାରସୁଗୁଡ଼ା ପଟକୁ ଯାଉଥିବା ଟ୍ରେଲର କୁ ଧକ୍କା ଦେଇଥିବା । ଧକ୍କା ରେ ଆର ଟ୍ରେଲର ର ଡିଜେଲ ଟାଙ୍କି ଫାଟି ସେଥିରେ ନିଆଁ ଲାଗିଯାଇଥିଲା । ଦେଖୁ ଦେଖୁ ଦୁଇ ଗାଡ଼ି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଘଟଣାସ୍ଥଳ ପୁଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଦୁଇ ଚାଳକ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲେ । ଡ୍ରାଇଭର ଦୁଇ ଜଣଙ୍କ ପରିଚୟ ମିଳିନାହିଁ ।

# ଆନନ୍ଦବଜାର ଅଞ୍ଚଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



**ବାଲେଶ୍ୱର,୧୬।୬ :** ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଆନନ୍ଦବଜାର ଅଞ୍ଚଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଗତ ୧୩ ତାରିଖ ସନ୍ଧ୍ୟା ସମୟରେ ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ।ଖବର ପାଇ ସହଦେବଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ମିଳିନଥିବାରୁ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି। ପରବର୍ତ୍ତୀ ଚିହ୍ନଟ ପାଇଁ ମୃତଦେହକୁ ୯୬ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇଛି। ମୃତକଙ୍କ ବୟସ ପ୍ରାୟ ୬୫ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଯଦି କୌଣସି ବ୍ୟକ୍ତି ମୃତକଙ୍କ ପରିଚୟ ସମ୍ପର୍କରେ ସୂଚନା ଜାଣିଥାନ୍ତି, ତେବେ ନିକଟସ୍ଥ ଥାନା କିମ୍ବା ସହଦେବଖୁଣ୍ଟା ଥାନା ସହ ଯୋଗାଯୋଗ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ବିଶ୍ୱ ରକ୍ତଦାତା ଦିବସ ପାଳିତ 'ସ୍ୱେଚ୍ଛା ରକ୍ତଦାନ ମାନବିକତାର ଅନ୍ୟତମ ପରିଚୟ'

**ବାଲେଶ୍ୱର,୧୬।୬ :** ଓଡ଼ିଶା ରକ୍ତଦାତା ସଂଘ ଆନୁକୂଲ୍ୟରେ ଡ଼ା. କାର୍ଲ ଲ୍ୟାଣ୍ଡଷ୍ଟିନରଙ୍କ ଜୟନ୍ତୀ ଅବସରରେ ବିଶ୍ୱ ରକ୍ତଦାତା ଦିବସ ବାଲିଆପାଳ ବ୍ଲକସ୍ଥିତ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି। ସଂଘର ସଭାପତି ଭିକାରୀ ଚରଣ ମିସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଡ଼ା. ପ୍ରେମାନନ୍ଦ ସେଠୀ ଅତିଥି ପରିଚୟ ଏବଂ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ବିଶ୍ୱ ରକ୍ତଦାତା ଦିବସର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ସ୍ମୃତିରେଖା ମହାନ୍ତିଙ୍କ ନୃତ୍ୟ ପରିବେଷଣ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡ଼ା. ସନ୍ତୋଷ କୁମାର ପ୍ରାମାଣିକ ମୁଖ୍ୟ ଅତିଥି, କମଳ କୁମାରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକ ମୁଖ୍ୟବକ୍ତା ଏବଂ ବ୍ରଜେନ୍ଦ୍ର ନାଥ ଗିରି, ଡ଼ା. କୃତ୍ତିବାସ ସାହୁ ଓ ରମେଶ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ଚଳିତ ବର୍ଷର ବିଶ୍ୱ ରକ୍ତଦାତା ଦିବସର ବାର୍ତ୍ତା "ମାନବିକତାର ଗୋଟିଏ ବୁନ୍ଦା – ରକ୍ତଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ" ଉପରେ ଆଲୋଚନା କରିବା ସହ ସ୍ୱେଚ୍ଛା ରକ୍ତଦାନର ଆବଶ୍ୟକତା ଓ ସମାଜରେ ଏହାର ମହତ୍ତ୍ୱ ବିଷୟରେ ମତ ରଖିଥିଲେ। ସେମାନେ ଯୁବପିଢ଼ିଙ୍କୁ ରକ୍ତଦାନ ଭଳି ମହାନ କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। "ସ୍ୱେଚ୍ଛା ରକ୍ତଦାନ ହେଉଛି ମାନବିକତାର ଅନ୍ୟତମ ଶ୍ରେଷ୍ଠ ପରିଚୟ" ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀହରି ଶଙ୍କର ପାଣିଗ୍ରାହୀ, ତପନ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ବେହେରା, ଦେବେନ୍ଦ୍ର ଆଚାର୍ଯ୍ୟ, ଜୟପ୍ରକାଶ ଦାସ ଓ ସୁଷମା ଦାସ ପ୍ରମୁଖ ରକ୍ତଦାନ ସଚେତନତା ସମ୍ପର୍କିତ ନିଜ ମତାମତ ରଖିଥିଲେ। ଆଗାମୀ ଦିନରେ ସ୍ୱେଚ୍ଛା ରକ୍ତଦାନ ଏବଂ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସ୍ୱେଚ୍ଛା ରକ୍ତଦାନ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ, ବାଲିଆପାଳର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ବ୍ଲଡ ଡୋନର ଆସୋସିଏସନ ସହଯୋଗରେ ସ୍ୱେଚ୍ଛା ରକ୍ତଦାନ କ୍ଷେତ୍ରରେ ସକ୍ରିୟ ଭୂମିକା ପାଳନ କରୁଥିବା ଜାତୀୟ ସେବା ଯୋଜନା (ଘଝଝ) କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା।




ଅଧ୍ୟାପକ ଉତ୍ତମ କୁମାର ମାହାନା, ଦିଗମ୍ବର ରଣା, ସନ୍ୟାସୀ ବେହେରା, ଅରୁଣ କୁମାର ମାଣିକ ଓ ବିନୋଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଯଜ୍ଞେଶ୍ୱର ଗିରି, ସଞ୍ଜୟ କୁମାର ପ୍ରଧାନ ଓ ଗୋପୀନାଥ ଦଳାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଏବଂ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଶ୍ରୀହରି ଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ

## ଜଣେ ମୃତ, ଦୁଇ ଗୁରୁତର



**ବଣାଇଁ,୧୬।୬:** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ବାଙ୍କିବାହାଲ - ଟପରିଆ ରାସ୍ତାର ଗଏକନପାଲି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଙ୍କୁ ଉଦ୍ଧାର କରି ହେମଗିରି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳ ରେ ଉତ୍ତେଜନା ଦେଖାଦେବା ସହ ଉତ୍ୟକ୍ତ ସ୍ଥାନୀୟ ଲୋକେ ଉଚିତ୍ କ୍ଷତିପୂରଣ ଏବଂ ଏହି ରାସ୍ତାରେ କୋଇଲା ପରିବହନ ବନ୍ଦ ଦାବି କରି ରାସ୍ତା ରୋକ କରିଛନ୍ତି । ଘଟଣାସ୍ଥଳ ରେ ହେମଗିରି ପୁଲିସ ଏବଂ ତହସିଲଦାର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି ।

# ମହାଆଡ଼ମ୍ବରରେ ପାଳିତ ହେଲା ରଜ ମହୋତ୍ସବ-୨୦୨୬

## ଓଡ଼ିଆ ପରମ୍ପରା, ସଂସ୍କୃତି ଓ ଗ୍ରାମ୍ୟ ଐତିହ୍ୟର ଅପୂର୍ବ ସମାଗମରେ ଝୁମିଲା ନୂଆଗଡ଼

**ଫୁଲନଖରା,୧୬।୬ :** କଟକ ସଦର ଥାନା ଅନ୍ତର୍ଗତ କଟକ ମହାନଗର ନିଗମର ୫୮ ନମ୍ବର ୱାର୍ଡ ସ୍ଥିତ ନୂଆଗଡ଼ ଗ୍ରାମର ବଳିଆ ବାବା କଲେଜ ପରିସରରେ ନିଉ ଷ୍ଟାର୍ ଯୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରଜ ମହୋତ୍ସବ-୨୦୨୬ ବେଶ ଆଡ଼ମ୍ବର, ଉତ୍ସାହ ଓ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆଙ୍କ ଗଣପର୍ବ ରଜର ପାରମ୍ପରିକ ରୀତିନୀତି, ସଂସ୍କୃତି ଓ ଭାବନାକୁ ନୂତନ ପିଢ଼ିଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ମହୋତ୍ସବର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ମୁରବି ପିତବାସ ମହାପାତ୍ର ଉପସ୍ଥିତ ରହି ନିଜ ଆଶୀର୍ବାଦ ପ୍ରଦାନ କରିଥିଲେ। ଗ୍ରାମ୍ୟ ସଭାପତି ବିକ୍ରମ ଶତପଥୀ ଦକ୍ଷତାର ସହିତ ସମଗ୍ର ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କହିଥିଲେ ଯେ ରଜ କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆର ମାଟି, ମାଆ ଓ ପ୍ରକୃତି ସହ ଜଡିତ ଏକ ମହାନ ପରମ୍ପରା। ଏପରି କାର୍ଯ୍ୟକ୍ରମ ଯୁବ ସମାଜକୁ ନିଜ ମୂଳ ସଂସ୍କୃତି ସହ ଯୋଡ଼ି ରଖିବାରେ ସହାୟକ ହେଉଛି ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ, ବିଶିଷ୍ଟ ସ୍ତମ୍ଭକାର ଶ୍ରୀ ସନ୍ୟାସୀ ପଣ୍ଡା, କଟକ ସଦର ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, ବରିଷ୍ଠ ସଂଗଠକ ସ୍ୱାଧୀନ ଚେତା ମହାନ୍ତି, ବୁଦ୍ଧିଜୀବୀ ନିମାଇଁ ଲେଙ୍କା, ଦିଲ୍ଲୀପ କୁମାର ସ୍ୱାଇଁ, ନଳିନୀ ସେନାପତି, ଶିଶିର ରାଉତରାୟ, ପ୍ରମୋଦ ସ୍ୱାଇଁ, ଆଡଭୋକେଟ ଦିଲ୍ଲୀପ ମହାରଣା, କ୍ଷୀରୋଦ ପଟ୍ଟନାୟକ, ସୁଶାନ୍ତ କୁମାର ମହାନ୍ତି, ପ୍ରମୋଦ ମହାପାତ୍ର, ରାଜ କୁମାର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ସାମ୍ବାଦିକ ଅମୂଲ୍ୟ ବାରିକ, ଅମିତ କୁମାର ପରିଜା ଏବଂ ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇ ରଜ ମହୋତ୍ସବର ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ସହ ପାରମ୍ପରିକ ରଜ ଦୋଳି, ପୁଚି ଖେଳ, ମହିଳା ଓ ଶିଶୁମାନଙ୍କ ପାଇଁ ନାନା ପ୍ରକାର ଖେଳ ପ୍ରତିଯୋଗିତା, ରଜ ପାନର ଆସର, ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ରଙ୍ଗବେରଙ୍ଗର ସାଜସଜ୍ଜା ଓ ଉତ୍ସବମୁଖର ପରିବେଶ ସମଗ୍ର ବଳିଆ ବାବା କଲେଜ ପରିସରକୁ ଉତ୍ସାହରେ ଭରି ଦେଇଥିଲା। ବିଶେଷ କରି ଗ୍ରାମର ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ରଜ ଦୋଳିକୁ ନେଇ ବେଶ ଆକର୍ଷଣ ଦେଖିବାକୁ ମିଳିଥିବା ବେଳେ ଶିଶୁମାନେ ବିଭିନ୍ନ ଖେଳକୁ ଉପଭୋଗ କରିଥିଲେ। ମହିଳାମାନେ ରଜ ପାନ, ରଜ ଗୀତ ଓ ପାରମ୍ପରିକ ବେଶଭୂଷାରେ ସାମିଲ ହୋଇ ଉତ୍ସବର ଶୋଭାକୁ ଦ୍ୱିଗୁଣିତ କରିଥିଲେ। ଏହି ମହୋତ୍ସବର ସଫଳ ଆୟୋଜନ ପଛରେ ନିଉ ଷ୍ଟାର୍ ଯୁଥ କ୍ଲବର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ଗ୍ରାମବାସୀଙ୍କ ଅକ୍ଲାନ୍ତ ପରିଶ୍ରମ, ସହଯୋଗ ଓ ନିଷ୍ଠା ରହିଥିଲା। କ୍ଲବର ଯୁବ ସଦସ୍ୟମାନେ ଅନେକ ଦିନ ଧରି ପ୍ରସ୍ତୁତି କରି ଏହି ଉତ୍ସବକୁ ଏକ ସଫଳ ରୂପ ଦେଇଥିଲେ। ଶେଷରେ ନିଉ ଷ୍ଟାର୍ ଯୁଥ କ୍ଲବ ପକ୍ଷରୁ ସମସ୍ତ ଅତିଥି, ଗ୍ରାମବାସୀ, ସହଯୋଗୀ, କଳାକାର ଓ ସାମ୍ବାଦିକ ଭାଇଭଉଣୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଯାଇଥିଲା। ସମସ୍ତଙ୍କ ସହଯୋଗ ଓ ଭଲପାଇବା ପାଇଁ ଚଳିତ ବର୍ଷର ରଜ ମହୋତ୍ସବ ନୂଆଗଡ଼ ଗ୍ରାମର ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ହୋଇ ରହିବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ।



Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati · Executive Editor : Satyajit Mohapatra · Managing Editor : Jitendra Ku. Pati